ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୨୪ ସେପ୍ଟେମ୍ବର, ୨୦୧୮



## ସଂକ୍ଷେପରେ



### ଆଦର୍ଶ ବିଦ୍ୟାଳୟ ଛାତ୍ରୀ ରାଜ୍ୟସ୍ତରୀୟ କ୍ରୀଡାକୁ ମନୋନୀତ

**କାଶୀନଗର,୨୩।୯(ଡି.ଏନ୍.ଏ.):** କାଶୀନଗର ବ୍ଲକର ଆଲଡାସ୍ଥିତ ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଜ୍ୟୋର୍ତିମୟୀ ବେହେରା ଜିଲାସ୍ତରୀୟ ୧୦୦ ଓ ୨୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ପ୍ରଥମ, ଲମ୍ଫାଡିଆଁରେ ପ୍ରଥମ ହୋଇ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି । ଏହି ପ୍ରତିଯୋଗିତା ଗୋଷାଣି ବ୍ଲକର ଗାରାବନ୍ଧାଠାରେ ଗତ ୧୯,୨୦, ୨୧ରେ ଅନୁଷ୍ଠିତ ହୋଇଥିଲା । ଏହା ପୂର୍ବରୁ ଜ୍ୟୋର୍ତିମୟୀ ରାଜ୍ୟସ୍ତରକୁ ମନୋନୀତ ହୋଇ ବଲାଙ୍ଗିର ଓ କଟକ ବାରବାଟି ଷ୍ଟାଡିୟମରେ ଖେଳିବାକୁ ଯାଇଥିଲେ। ଆଦର୍ଶ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିଶ୍ୱବିଜୟୀ ବିବେକାନନ୍ଦ ବେହେରାଙ୍କ ଦ୍ୱାରା ସେ ପ୍ରଶିକ୍ଷଣ ନେଇଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### କନ୍ୟାଶ୍ରମ ଛକରେ ମାଓବାଦୀ ବ୍ୟାନର



**ରାଇଘର,୨୩।୯(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ଯୋଡ଼ିଙ୍ଗା ପଞ୍ଚାୟତର ସରକାରୀ କନ୍ୟାଶ୍ରମ ଛକ ନିକଟରେ ଶନିବାର ରାତିରେ ମାଓବାଦୀ ବ୍ୟାନର ଲଗାଇଛନ୍ତି। ୨୧ରୁ ୨୭ ତାରିଖ ଯାଏଁ ସ୍ଥାପନା ଦିବସ ପାଳନ କରିବା ଉଦ୍ଦେଶ୍ୟରେ ହିନ୍ଦୀ ଭାଷାରେ ଲିଖିତ ଏହି ବ୍ୟାନର ଲଗାଯାଇଛି। ଜନ ସଂଗଠନ ଜିନ୍ଦାବାଦ୍ ବୋଲି ଏଥିରେ ଉଲ୍ଲେଖ ରହିବା ସହିତ ଭାଜପା ପ୍ରାୟ ୫ ବର୍ଷ ଶାସନରେ ଫୁଲକୁଣ୍ଡ ଭଳି କାର୍ଯ୍ୟ କରିଥିବା ଲେଖାଯାଇଛି। ଏହାସହ ମାଓବାଦୀ(କମ୍ୟୁନିଷ୍ଟ) ପାର୍ଟିରେ ରହି ଶହୀଦ୍ ହୋଇଥିବା ସଦସ୍ୟଙ୍କୁ ଲାଲ୍ ଜୁହାର, ପି.ଏଲ.ଜି ଜିନ୍ଦାବାଦ, ସାମ୍ରାଜ୍ୟ ବାଦୀ ମୁର୍ଦାବାଦ ବୋଲି ଉଲ୍ଲେଖ ରହିଛି। ରବିବାର ରାଇଘର ପୋଲିସ ବ୍ୟାନରକୁ ଜବତ କରିଛି।

### ଆକର୍ଷଣୀୟ ମିଡିଆ ଗଣେଶ ଭସାଣି ଉତ୍ସବ



**ପାରଳାଖେମୁଣ୍ଡି, ୨୩।୯ (ସ୍ୱ.ପ୍ର.) :** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ୱାର୍ଡ ନଂ- ୫ରେ ଥିବା ସେରିମେଦିକା ସାହିଠାରେ ୧୧ଦିନ ଧରି ପୂଜାପାଇ ଆସୁଥିବା ଗଣେଶ ଠାକୁରଙ୍କର ରବିବାର ସହର ଉପକଣ୍ଠସ୍ଥ ସୀତାସାଗରରେ ବିସର୍ଜନ ହୋଇଛି । ଏହି ୱାର୍ଡର ଯୁବକ ସଂଘ ପକ୍ଷରୁ ଆୟୋଜନ ହୋଇଥିବା ଏହି ଗଣେଶ ପ୍ରତିମୂର୍ତିଟି ମିଡିଆ ଗଣେଶ ଭାବେ ଚଳିତବର୍ଷ ବେଶ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଗଣେଶ ମୂର୍ତ୍ତି ଉପରେ ଓଡିଆ ଓ ତେଲୁଗୁ ଭାଷାର ବିଭିନ୍ନ ପ୍ରିଣ୍ଟ ଓ ବୈଦୁତିକ ଗଣ ମାଧମଗୁଡିକର ନାମଗୁଡିକ ମୂର୍ତ୍ତିର ବିଭିନ୍ନ ଅଙ୍ଗରେ ଲେଖାଯାଇଥିଲା । ଯାହାକି ସମସ୍ତଙ୍କୁ ଆକର୍ଷିତ କରିଥିଲା । ଏହି ସାହିରେ ଉଭୟ ତେଲୁଗୁ ଓ ଓଡିଆ ଭାଷାଭାଷୀ ଅଧିବାସୀ ବାସ କରିଥାନ୍ତି। ୧୧ ଦିନ ପୂଜା ମଧରେ ପୂଜାର୍ଚ୍ଚନା, ହୋମ ଯଜ୍ଞ, ନାଚଗୀତ, ପ୍ରସାଦ ସେବନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା । ମିଡିଆ ଗଣେଶଙ୍କ ବିସର୍ଜନ ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ପରେ ସହର ଉପକଣ୍ଠସ୍ଥ ସୀତା ସାଗରଠାରେ ଗଣେଶଙ୍କ ବିସର୍ଜନ କରାଯାଇଥିଲା । ଏହି ବିସର୍ଜନ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମହିଳା ପୁରୁଷ ଓ ଯୁବଗୋଷ୍ଠୀ ସାମିଲ ହୋଇଥିଲେ ।

# ଭଗବାନଙ୍କ ଭରସାରେ ସ୍ୱାସ୍ଥ୍ୟ ସେବା

**ନବରଙ୍ଗପୁର,୨୩।୯(ବି.ପ୍ର.)**



■ଡାକ୍ତର ଓ ବିଶେଷଜ୍ଞଙ୍କ ଅଭାବ
■ସରକାରୀ ଯୋଜନା ଓ ସେବା ଫେଲ୍ ମାରୁଛି

ନବରଙ୍ଗପୁର ଜିଲାରେ ବିଶେଷଜ୍ଞ ଡ଼ାକ୍ତରଙ୍କ ଅଭାବ । ଯେଉଁ ବିଶେଷଜ୍ଞ ଡାକ୍ତର ରହିଛନ୍ତି ସେମାନେ ମଧ ମାସର ନିୟମିତ ବ୍ୟବଧାନରେ ବିନା ଛୁଟିରେ ଚାଲିଯାଉଛନ୍ତି। ଆନେସ୍ଥେସିଆ ବିଶେଷଜ୍ଞ ନାହାନ୍ତି। ଏଭଳି କ୍ଷେତ୍ରରେ ୨ ସ୍ଥାନରେ ସର୍ଜରି ବିଶେଷଜ୍ଞ ୪ ଜଣ ରହିଛନ୍ତି । ଜିଲା ସଦର ମହକୁମା ଡ଼ାକ୍ତରଖାନା ଉପରେ ସୀମାବର୍ତ୍ତୀ କୋରାପୁଟ ଓ କଳାହାଣ୍ଡି ଜିଲା ସମେତ ଜିଲାର ୧୦ଟି ବ୍ଲକ୍ର ଜନସାଧାରଣ ନିର୍ଭର କରୁଛନ୍ତି । ଦନ୍ତ ଚିକିତ୍ସକ ୨ ଜଣ ରହିଛନ୍ତି। ଦନ୍ତ ଚିକିତ୍ସକ ସକାଳୁ ଡ଼ାକ୍ତରଖାନାରେ ରହୁଥିବାବେଳେ ଅପରାହ୍ନରେ ଆଉ ଦେଖା ଦେଉନାହାନ୍ତି। ଏମିତି ସମସ୍ୟାରେ ଜିଲା ସ୍ୱାସ୍ଥ୍ୟ ସେବା ଭଗବାନଙ୍କ ଭରସାରେ ରହିଥିବା ସାଧାରଣରେ ମତ ପ୍ରକାଶ ପାଇଛି।

ଏନେଇ ରୋଗୀ ସେବାରେ ବ୍ୟାଘାତ ଘଟୁଛି । ସେହିଭଳି ଏତେବଡ଼ ଜିଲା ସଦର ମହକୁମା ଡାକ୍ତରଖାନାରେ ଜଣେ ମାତ୍ର ଶିଶୁ ବିଶେଶଜ୍ଞ ରହିଛନ୍ତି । ସେ ଛୁଟିରେ ଗଲେ ଶିଶୁ, ପୁଷ୍ଟିହୀନତା ଶିଶୁଙ୍କ ଚିକିତ୍ସା ପାଇଁ ବିଭିନ୍ନ ସମସ୍ୟା ଦେଖାଦେଉଛି। ଶିଶୁ ବିଶେଷଜ୍ଞ ନବଜାତ ଶିଶୁ କେନ୍ଦ୍ର ଦାୟିତ୍ୱରେ ମଧ ରହିଛନ୍ତି । ଉକ୍ତ କେନ୍ଦ୍ରରେ ଜନ୍ମରୁ ଏକମାସ ଗୁରୁତର ଶିଶୁ, ଓଜନ କମ୍ ଶିଶୁ ଓ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଶିଶୁଙ୍କୁ ଭର୍ତ୍ତି କରାଯାଇଥାଏ । ସେ ଛୁଟିରେ ଗଲେ ଏହି କେନ୍ଦ୍ରରେ ଶିଶୁଙ୍କ ଚିକିତ୍ସାରେ ବହୁ ସମସ୍ୟା ସୃଷ୍ଟି ହେଉଛି। ଷ୍ଟାଫ୍‌ନର୍ସ ଓ ନର୍ସମାନେ କେବଳ ଶିଶୁମାନଙ୍କ ଭାଗ୍ୟ ବିଧାତା ସାଜୁଛନ୍ତି। ବେଡ଼ ଅଭାବ ଲାଗି ରୋଗୀ ତଳେ ଶୋଉଛନ୍ତି। ଶିଶୁ ଓ ମାଆଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଏମ୍‌ସିଏଚ୍ କୋଠା ନିର୍ମାଣ ହୋଇଛି । ୨ ବର୍ଷ ହେଲାଣି ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ । ଏତେବଡ଼ ଜିଲାରେ ଜଣେ ମଧ ମେଡିସିନ ବିଶେଷଜ୍ଞ ନାହାନ୍ତି । ଜିଲାରେ ସ୍ୱାସ୍ଥ୍ୟ ସେବା ଧର୍ମକୁ ଆଖିଠାର ଭଳି ମନେହେଉଛି।

ଉମରକୋଟଠାରେ ରକ୍ତ ଭଣ୍ଡାର ଖୋଲାଯିବା ନେଇ ସରକାର ସବୁକିଛି ବ୍ୟବସ୍ଥା କରିଥିଲେ ମଧ ତାହା କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ନବରଙ୍ଗପୁର ରକ୍ତ ଭଣ୍ଡାର ଉପରେ ଚାପ ପଡୁଛି । ରକ୍ତ ଭଣ୍ଡାରରେ ରକ୍ତ ରହୁନାହିଁ। ଜରୁରିକାଳୀନ ସମୟରେ ରୋଗୀଙ୍କୁ ଆବଶ୍ୟକୀୟ ଗ୍ରୁପର ରକ୍ତ ମିଳିବା କାଠିକର ପାଠ ହୋଇଯାଉଛି। ଜିଲାରେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ବାହାର ଜିଲାର ବିଶେଷଜ୍ଞଙ୍କ ସହଯୋଗ ଲୋଡ଼ାଯାଇ ପ୍ରତି ମାସର ୧୮ ତାରିଖରେ ଦିବ୍ୟାଙ୍ଗ ଚିହ୍ନଟ ଓ ପ୍ରମାଣପତ୍ର ପାଇଁ ବୋର୍ଡ ବସୁଛି । ଅନ୍ୟ ଜିଲାରୁ ବିଶେଷଜ୍ଞ ଯେଉଁ ମାସରେ ଆସୁନାହାନ୍ତି , ଜିଲାର ଶତାଧିକ ଦିବ୍ୟାଙ୍ଗ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ବିଶେଷଜ୍ଞ ଡାକ୍ତର ନ ଥିବା ଦ୍ୱାରା ସରକାରଙ୍କ ଅନେକ ଯୋଜନା ଫସର ଫାଟୁଛି । ସରକାର ନିରାମୟ ଯୋଜନାରେ ମାଗଣା ଔଷଧ ଯୋଗାଉଛନ୍ତି । ତେବେ ବିଶେଷଜ୍ଞ ଡାକ୍ତର ନ ଥିବା ଓ ପ୍ରେସିକ୍ସନ ସେହି ଅନୁଯାୟୀ ହେଉ ନ ଥିବାରୁ ଅନେକ ଔଷଧ ଜିଲା ଡ଼ାକ୍ତରଖାନାରେ ଆବଶ୍ୟକ ଅନୁଯାୟୀ ଅଣାଯାଇ ପାରୁ ନାହିଁ । ଗୁରୁତ୍ୱପୂର୍ଣ୍ଣ ଓ ଜରୁରିକାଳୀନ ଚିକିତ୍ସା ସମୟରେ ସ୍ୱାସ୍ଥ୍ୟ ବୀମା କାର୍ଡ ହିତାଧିକାରୀଙ୍କ କାର୍ଯ୍ୟରେ ଆସିବ ବୋଲି ଯେଉଁ ଭରସା ରହୁଛି ତାହା ମଧ ପୂରଣ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଆଇନଜୀବୀ ସଂଘ, ଭାଜପା କଂଗ୍ରେସ ସମେତ ସାଧାରଣ ଲୋକେ ମଧ ବିଭିନ୍ନ ସମୟରେ ଦାବି ଓ ଅନଶନ କରିଛନ୍ତି। ତଥାପି ନବରଙ୍ଗପୁର ଜିଲାରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସୁଧାର ଆସୁନାହିଁ । ଏନେଇ ରୋଗୀ ଓ ଗରିବ ଲୋକମାନେ ଭଗବାନଙ୍କ ଭରସାରେ ରହୁଛନ୍ତି। ଦନ୍ତ ଚିକିତ୍ସକମାନେ ସବୁ ସମୟରେ ଡାକ୍ତରଖାନାରେ ଉପସ୍ଥିତ ରହୁ ନ ଥିବା ଅଭିଯୋଗ ତାଙ୍କ ନିକଟରେ ରହିଥିବା ନବରଙ୍ଗପୁର ଜିଲା ଏଡିଏମ୍ ସଞ୍ଜୀତ ପଟ୍ଟନାୟକ କହିଛନ୍ତି।

■ ସୀମାନ୍ତ ଅଞ୍ଚଳରେ ରାତିଅଧିଆ ମାଲ୍ ପରିବହନ

# ରାଜସ୍ୱ ହରାଉଛନ୍ତି ସରକାର



**ପାରଳାଖେମୁଣ୍ଡି, ୨୩।୯ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ପୁରୁଣାପାଟଣା ରୋଡର ଓଡିଶା-ଆନ୍ଧ୍ର ସୀମାନ୍ତବର୍ତ୍ତୀ ସ୍ଥାନରୁ ରାତିଅଧିଆ ଟ୍ରକ ଯୋଗେ ପଡୋଶୀ ଆନ୍ଧ୍ରକୁ ବିଭିନ୍ନ ସାମଗ୍ରୀ ଚାଲାଣ ହେଉଥିବା ଦୃଷ୍ଟିକୁ ଆସିଛି । ଏଠାରେ ଥିବା ମହେନ୍ଦ୍ରତନୟା ବ୍ରିଜ୍ ଶେଷ ଭାଗରେ ଆନ୍ଧ୍ର ସୀମା ଆରମ୍ଭ ହେଉଛି। ଏହାର ସୀମାକୁ ଲାଗି ରାସ୍ତାର ଗୋଟିଏ ପାର୍ଶ୍ୱରେ ଦିନ ତମାମ ଖାଲି ଟ୍ରକଗୁଡିକ ପଡିରହୁଛି। ମଧ ରାତ୍ର ସମୟରେ ଏହି ଟ୍ରକଗୁଡିକ ଓଡିଶା ସୀମା ଭିତରେ ପ୍ରବେଶ କରି ବିଭିନ୍ନ ବ୍ୟବସାୟୀମାନଙ୍କ ନିକଟରୁ ବିଭିନ୍ନ ସାମଗ୍ରୀ ଟ୍ରକରେ ଲୋଡିଂ କରି ବିନା ସମସ୍ୟାରେ ଆନ୍ଧ୍ରକୁ ଚାଲିଯାଉଛନ୍ତି । ଏପରି ରାତିଅଧିଆ ମାଲ ପରିବହନ ଦ୍ୱାରା ଏମାନଙ୍କୁ ଓଡିଶା ସରକାରଙ୍କୁ କୌଣସି ଟିକସ ଦେବାକୁ ପଡୁନାହିଁ। ଫଳରେ ସରକାର ପ୍ରଚୁର ରାଜସ୍ୱ ହରାଉଛନ୍ତି। ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଭାଗବତ ଟୁଙ୍ଗି ସମ୍ପର୍କିତ ଆଲୋଚନାଚକ୍ର

**ପାରଳାଖେମୁଣ୍ଡି, ୨୩।୯ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଭକ୍ତି ସଙ୍ଗୀତ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଭାଗୀରଥି ପାଢୀ ସ୍ମୃତିକଳା ପରିଷଦଠାରେ ଏକ 'ଭାଗବତ ଟୁଙ୍ଗି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଜଗନ୍ନାଥ ମିଶ୍ର ଯୋଗଦେଇ ପୁରାଣ ଓ ସଂସ୍କୃତିର ମୂଲ୍ୟବୋଧ ଦ୍ୱାରା ଅନ୍ତରର ସ୍ୱଚ୍ଛତା ଆବିଷ୍କାର କରିବା ପାଇଁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଗୌରଚନ୍ଦ୍ର ପଣ୍ଡା ଯୋଗଦେଇ ମଣିଷ ତିଆରି କାରଖାନାର ରୂପରେଖ ଆଧାତ୍ମିକ ଚେତନା ଦ୍ୱାରା ଜାଗ୍ରତ ହୋଇଥାଏ। କଳୁଷିତ ପୃଥିବୀରେ ମାନବ ଜୀବନର ସ୍ୱାର୍ଥକତା ଏକ ସୁନ୍ଦର ସମାଜ ସୃଷ୍ଟି କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ଭାଗବତ ଟୁଙ୍ଗି ଏପରି ଏକ କାର୍ଯ୍ୟକ୍ରମ ଯାହା ମଣିଷ ମନରେ ଆଧାତ୍ମିକ ଭାବନା ସୃଷ୍ଟି କରିବାରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତ ଦେଇ ଏହା ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିବା ସହ ଶୃଙ୍ଖଳା ଓ ନିୟମର ପୃଷ୍ଠଭୂମି ତିଆରି କରିବାରେ ସହାୟକ ହୋଇଥାଏ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ସଂସଦର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରଥ ସଭାପତିତ୍ୱ କରିଥିଲେ। ଭାଗବତ ପାଢୀ, ବାବାଜୀ ଚରଣ ବେହେରା, ଅରକ୍ଷିତ ପାତ୍ର ଏବଂ ରାଜେନ୍ଦ୍ର ରଥ ସହଯୋଗ କରିଥିଲେ।

# ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ୫ ସମ୍ବର୍ଦ୍ଧିତ

**ତେନ୍ତୁଲିଖୁଣ୍ଟି,୨୩।୯(ଡି.ଏନ୍.ଏ)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ତେନ୍ତୁଲିଖୁଣ୍ଟି ବ୍ଲକ୍ ତେନ୍ତୁଲିଖୁଣ୍ଟିସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ସାଂସ୍କୃତିକ ମଣ୍ଡପରେ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଧାୟକ ମନୋହର ରନ୍ଧାରୀ, ବ୍ଲକ୍ ଅଧକ୍ଷା ଦେବକୀ ନାୟକ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କ ଲୁକାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ୨ଶହ ପ୍ରତିଯୋଗୀ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ୫ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଫୁଲ୍ଲ ନାଗ, ସୂର୍ଯ୍ୟ ରନ୍ଧାରୀ, ସୁବାସ ଦାଶ, ସୁବାସ ଗରଡ଼ା, ପ୍ରେସିମଣି ଖିଲ ଉପସ୍ଥିତ ଥିଲେ। ଭୋଳାନାଥ ନାୟକ ଓ ଦେବସ୍ମିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୧୯ ହିତାଧିକାରୀଙ୍କୁ ଗ୍ୟାସ୍ ପ୍ରଦାନ

**ପାପଡ଼ହାଣ୍ଡି,୨୩।୯(ଡି.ଏନ୍.ଏ.)**

ପାପଡ଼ହାଣ୍ଡି ବ୍ଲକ୍ ପାତ୍ରୀଠାରେ ରବିବାର ବନ ବିଭାଗର ଆମ ଜଙ୍ଗଲ ଯୋଜନାରେ ୧୯ ଜଣ ହିତାଧିକାରୀଙ୍କୁ ଗ୍ୟାସ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ଭଗବତୀ ଭତ୍ରା, ବ୍ଲକ୍ ଅଧକ୍ଷା ସେବତୀ ସାନ୍ତା, ଉପାଧକ୍ଷ ତ୍ରିନାଥ ପ୍ରଧାନ, ସମିତି ସଭ୍ୟା ସୁଜାତା ନାୟକ, ସରପଞ୍ଚ ଯଦୁ ନାୟକ, ଫରେଷ୍ଟର ରାମଚନ୍ଦ୍ର ଜାନୀ, ପ୍ରମୁଖ ଯୋଗଦେଇଥିଲେ।

# ଶିଶୁମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ



ଅତିଥିଙ୍କ ଗହଣରେ କାର୍ଯ୍ୟକ୍ରମରେ ଭାଗନେଇଥିବା ପିଲାମାନେ ।

**ପାରଳାଖେମୁଣ୍ଡି, ୨୩।୯ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ପରିଚ୍ଛା ମଠ ପରିସରରେ ରବିବାର ବାଲମୁକୁନ୍ଦ କେନ୍ଦ୍ର ପକ୍ଷରୁ ଯୋଗାସନ କାର୍ଯ୍ୟକ୍ରମ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେହିପରି ନିୟତି ଅନୁଷ୍ଠାନ ପକ୍ଷରୁ ନିର୍ଦ୍ଦେଶକ ଚିତ୍ତିରାନନ୍ଦ ବେବର୍ତ୍ତାଙ୍କ ପ୍ରସ୍ତାବିତ କାର୍ଯ୍ୟକ୍ରମ 'ଏ ନୁହେଁ କାହାଣୀ' ମଧ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଦିତ୍ୟ ବାହିନୀର ନଗର ସଭାପତି ଗଣନାଥ ଖଡ଼ଗରାୟ ଯୋଗଦେଇ ଭକ୍ତିରସ ଅବତାର ଜଗତଗୁରୁ କୃପାଳୁଜୀ ମହାରାଜାଙ୍କ ଆରତି କରିଥିଲେ । ପରେ ତାଙ୍କ ତ୍ୟାଗ ଓ ତପସ୍ୟା ବଳରେ କିପରି ମହାନ୍ କାର୍ଯ୍ୟମାନ ହୋଇପାରିଥିଲା ସେହି ବିଷୟରେ ଶିଶୁମାନଙ୍କୁ ବୁଝାଇଥିଲେ । ଏହି ଅବସରରେ ଜଗଦଗୁରୁଙ୍କ ସମ୍ପର୍କିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସାଧାରଣ ରିକ୍ସାଚାଳକ ମାଧବ ବରାଡ, ଟେମ୍ପୁ ଚାଳକ ଗୋପାଳ ପଡ଼ିଆରୀ ଓ ସତ୍ୟ ନାରାୟଣ ସାହୁ, ସଙ୍ଗୀତ ଗୁରୁ କୈଳାସ ପଟ୍ଟନାୟକଙ୍କୁ ପିଲାମାନେ ସମ୍ମାନିତ କରିଥିଲେ । ଲିଙ୍ଗରାଜ ପ୍ରସାଦ ଦାସ ଓ ଜନ୍ମେଞ୍ଜୟ ସାହୁ ପିଲାମାନଙ୍କୁ ଶିକ୍ଷାଦାନ ଦେଇଥିଲେ ।

### ଭୋଟର ତାଲିକା ସଂଶୋଧନ ନିମନ୍ତେ ସ୍ୱତନ୍ତ୍ର ଅଭିଯାନ

**ଡାବୁଗାଁ,୨୩।୯(ଡି.ଏନ୍.ଏ)**

ଡାବୁଗାଁ ବ୍ଲକରେ ଭୋଟର ତାଲିକା ସଂଶୋଧନ ନିମନ୍ତେ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧୀନ ମୋଟ ୫୪ ଭୋଟ ଗ୍ରହଣ କେନ୍ଦ୍ରରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଭୋଟର ତାଲିକା ସଂଶୋଧନ କାର୍ଯ୍ୟ କରିଥିଲେ। ଭୋଟରମାନେ ନଂ ୬, ନ ୭, ନଂ୮ ଓ ନଂ ୮(କ) ଫର୍ମ ପୂରଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ୧୦ଟାରୁ ଆରମ୍ଭ ହୋଇ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ଜିଲା ମଙ୍ଗଳ ଅଧିକାରୀ ତଥା ବ୍ଲକ୍ ନୋଡାଲ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ତହସିଲଦାର ନରସିଂହ ଗାଦବା ଓ ବିଡିଓ ଗୌରହରୀ ପାତ୍ର ବିଭିନ୍ନ ବୁଥ୍ ପରିଦର୍ଶନ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ମାଝିଗୁଡା ବୁଥ୍ ପରିଦର୍ଶନ ପାଇଁ ପହଞ୍ଚିବାବେଳେ ବୁଥ୍ ବନ୍ଦ ରହିଥିଲା। ସମ୍ପୃକ୍ତ ବଥ୍‌ସ୍ତରୀୟ ଅଧିକାରୀ ଅନୁପସ୍ଥିତ ଥିଲେ। ଏନେଇ ସେ ଜିଲାପାଳଙ୍କୁ ରିପୋର୍ଟ କରିଥିଲେ। ଏହି ସ୍ୱତନ୍ତ୍ର ଅଭିଯାନ ଅକ୍ଟୋବର ୭ ଓ ୨୮ରେ ଅନୁଷ୍ଠିତ ହେବ । ଏହାସହ ସମସ୍ତ ସୁପରଭାଇଜରମାନେ ମଧ ବୁଥ୍‌ଗୁଡ଼ିକ ବୁଲି ତଦାରଖ କରିଥିଲେ।

■ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡି ପ୍ରତିଯୋଗିତା

# ନବରଙ୍ଗପୁର ଜିଲା ଚାମ୍ପିୟନ

**ନବରଙ୍ଗପୁର,୨୩।୯(ବି.ପ୍ର.)**



ଚାମ୍ପିୟନ ଦଳ ଉତ୍ସବ ମନାଉଛନ୍ତି ।

୧୭ ବର୍ଷରୁ କମ୍ ବାଳିକା ବିଭାଗ କବାଡ଼ି ପ୍ରତିଯୋଗିତାରେ ନବରଙ୍ଗପୁର ଜିଲା ଦଳ ଚାମ୍ପିୟନ ହୋଇଛି । ୬୪ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ବରଗଡ଼ ଜର୍ଜ ଉଚ୍ଚ ବିଦ୍ୟାଳୟ ପରିସରରେ ୨୧ରୁ ରବିବାର ପର୍ଯ୍ୟନ୍ତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ରବିବାର ଉଦ୍‌ଯାପନୀ ଦିବସରେ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନି ଛୁରିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ସିଲ୍ଡ ସହ ମାନପତ୍ର ପ୍ରଦାନ କରି ଛାତ୍ରୀମାନଙ୍କୁ ଉତ୍ସାହିତ କରିଛନ୍ତି । କ୍ରିଡା ଓ ଶିକ୍ଷା କ୍ଷେତ୍ରରେ ନିଜର ଭବିଷ୍ୟତ ଉଜ୍ଜ୍ୱଳମୟ କରିବାକୁ ପରାମାର୍ଶ ଦେଇଛନ୍ତି । ସମ୍ମାନିତ ଅତିଥିଭାବେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଏସ୍‌ପି ମୁକେଶ କୁମାର ଧାମ ଓ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ଯୋଶୀ ଯୋଗ ଦେଇଥିଲେ । ଏନେଇ ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ପାଣିଗ୍ରାହୀ ଓ ଭାରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ମନୋରଞ୍ଜନ ପ୍ରହରାଜ ଓ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଛାତ୍ରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ନବରଙ୍ଗପୁର ନାୟକଗୁଡା ସରକାରୀ ଏସ୍ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ୭ ଜଣ ଛାତ୍ରୀ, ବରିଗାଁ ସରକାରୀ ଉନ୍ନୀତ ବିଦ୍ୟାଳୟର ୨ଜଣ ଓ ଶରଣପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ନେଇ ଏକ ୧୦ ଜଣିଆ ଦଳ ଗଠନ କରାଯାଇଥିଲା। ଦଳର ମ୍ୟାନେଜର ଭଣ୍ଡାରିଗୁଡ଼ା ୟୁଜି ହାଇସ୍କୁଲର ଖେଳ ଶିକ୍ଷକ ପରେଶ କୁମାର ମହାପାତ୍ରଙ୍କୁ ଚୟନ କରାଯାଇ ଥିଲା। ଏହି ଦଳ ସହିତ ମହାପାତ୍ର , ଭତ୍ରା ୟୁଜି ହାଇସ୍କୁଲର ପ୍ରଶିକ୍ଷକ ମଧୁସ୍ମିତା ସ୍ୱାଇଁ ଓ ରାଜପୁର ୟୁଜିହାଇସ୍କୁଲର ସୌରାଜ୍ୟ କେଶୋରୀ ମହାନ୍ତି ବରଗଡ଼ ଗସ୍ତ କରଥିଲେ। ରାଜ୍ୟସ୍ତରୀୟ ସମୂହ ପ୍ରତିଯୋଗିତାରେ ନବରଙ୍ଗପୁର ଦଳ ଯଥାକ୍ରମେ କେନ୍ଦୁଝରକୁ ୨୯-୮, କୋରାପୁଟକୁ ୩୦-୩, ସୁନ୍ଦରଗଡ଼କୁ ୩୪-୨୪, ମୟୂରଭଞ୍ଜକୁ ୨୫-୧୧ ଓ ଫାଇନାଲରେ ଭୁବନେଶ୍ୱରକୁ ୨୩-୧୩ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଛି।

# ପୁରସ୍କାର ବିତରଣ କଲେ ଜିଲାପାଳ

**ପାରଳାଖେମୁଣ୍ଡି, ୨୩।୯ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାପାଳ ଅନୁପମ ଶାହା ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଗତ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ ବର୍ଷା ଯୋଗୁ ବନ୍ଦ ରହିଥିଲା । ସରକାରଙ୍କ ନିର୍ଦ୍ଦେଶ ମୁତାବକ କୌଣସି ଛାତ୍ରୀଛାତ୍ର ଜିଲାସ୍ତରୀୟ ପରେଡରେ ଯୋଗ ନ ଦେବାରୁ ଉକ୍ତଦିନ କୌଣସି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇ ନ ଥିଲା । ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବିଚନ୍ଦ୍ର ନାୟକ ପରିଚାଳନା କରିଥିଲେ ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନର କରାଯାଉଛି ।

# ୨ ବର୍ଷ ହେଲା ଭୁଶୁଡ଼ି ପଡ଼ିଛି ଚେକ୍ ଡ୍ୟାମ୍

**ନବରଙ୍ଗପୁର,୨୩।୯(ବି.ପ୍ର.)**

ଚାଷୀଙ୍କ ହିତ ପାଇଁ ନିର୍ମାଣ ହେଉଛି ଚେକ୍ ଡ୍ୟାମ୍ । କିନ୍ତୁ ନିର୍ମାଣ ନିମ୍ନମାନର ହେଉଥିବା ଯୋଗୁ ବିଭିନ୍ନ ସମୟରେ ଏହା ଭୁଶୁଡି ପଡ଼ିବାର ନଜିର ରହିଛି । ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କାମତା ସଙ୍ଗଜଡ଼ିନାଳରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଚେକ୍‌ଡ୍ୟାମ୍ ଭୁଶୁଡି ପଡ଼ିଛି। ନିମ୍ନମାନର କାମ ଯୋଗୁ ଏଭଳି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ୨୦୧୨-୧୩ ଆର୍ଥିକ ବର୍ଷରେ ଏହି ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଥିଲା। ତଳିଆ ଅଞ୍ଚଳକୁ ପ୍ରବାହିତ ପାଣିକୁ ଅଟକାଇବା ସହ ଖରାଦିନେ ଚାଷ କାର୍ଯ୍ୟରେ ଏହାକୁ ଲଗାଇବା ଲକ୍ଷ୍ୟ ନେଇ ଏହାର ନିର୍ମାଣ କରାଯାଇଥିଲା। ୨ ବର୍ଷ ହେବ ଚେକଡ୍ୟାମ୍ ଭୁଶୁଡ଼ି ପଡ଼ିଛି। ପ୍ରଶାସନ



ଭୁଶିଡ଼ି ପଡ଼ିଥିବା ଚେକ୍ ଡ୍ୟାମ୍।

**ନିମ୍ନମାନର କାମ**

ଏହାର ମରାମତି ଓ ନୂତନ ଚେକଡ଼୍ୟାମ ନିର୍ମାଣ କରୁନାହିଁ। ଚେକ୍‌ଡ୍ୟାମ୍ ନ ଥିବାରୁ ଚଳିତ ବର୍ଷାରେ ବହୁ ଚାଷୀଙ୍କ ତଳି ଧୋଇ ହୋଇଯାଇଛି। ଚେକ୍ ଡ୍ୟାମ୍ ନିର୍ମାଣ ଉଦ୍ଦେଶ୍ୟ ସାଧିତ ହୋଇପାରୁନି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ମାଥିଲି, ୨୩।୯ (ଡି.ଏନ.ଏ):** ମାଥିଲି ବ୍ଲକ ଅନ୍ତର୍ଗତ ଧଉଡାଗୁଡ଼ା ଗ୍ରାମରେ ସାପ କାମୁଡ଼ାରେ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ଗ୍ରାମର ବଳ ଭୂମିଆ (୨୧) । ଶନିବାର ରାତିରେ ସେ ଘରେ ଶୋଇଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା । ପରେ ବଳଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା । ତାଙ୍କୁ ପରିବାର ଲୋକେ ସଙ୍ଗେ ସଙ୍ଗେ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣି ଭର୍ତ୍ତି କରିଥିଲେ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ିଯିବାରୁ ରବିବାର ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ଅଁଳାଯୋଡ଼ି ପାଖରେ ବଳଙ୍କ ମୃତ୍ୟୁ ଘଟିଥିଲା । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଆଇଆଇସି ଜନ ଖୁଜୁର କହିଛନ୍ତି ।

### ଦୀପଦାନ କଲେ ଶ୍ରଦ୍ଧାଳୁ

**ମାଥିଲି, ୨୩।୯ (ଡି.ଏନ.ଏ) :** ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ନାୟକସାହି ସମ୍ମୁଖ ମୁଖ୍ୟ ରାସ୍ତାରେ ରବିବାର ସନ୍ଧ୍ୟାରେ ଗଜାନନଙ୍କ ପ୍ରତିମୂର୍ତ୍ତିଠାରେ ଶ୍ରଦ୍ଧାଳୁମାନେ ଦୀପ ଦାନ କରିଛନ୍ତି । ନାୟକସାହି , ତେଲେଙ୍ଗାସାହି , ସାଗରସାହି ଆଦି ଗ୍ରାମର ଶତାଧିକ ମହିଳା, ଯୁବତୀ ଯୁବକ, ମାନେ ସାମିଲ ହୋଇ ସୁଖ ସମୃଦ୍ଧି କାମନା କରି ଗଜାନନଙ୍କ ପାଖରେ ଦୀପଦାନ କରିଥିଲେ । ୫୨୧ ଦୀପ ଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏସ. ମୁରଲି , ବି. ରାମକ୍ରିଷ୍ଣା, ସାହେଦ ଆଶ୍ରବ ସାହା, ରୌପ ଶାହା, ମଙ୍ଗଳା କପେ, ସୁରେଶ ପଟ୍ଟନାୟକ, ରାଜୁ ମାଝି , ଏମ. ପାଇଟି ରାଜୁ , କୃପା କପେ, ଧନେଶ ଫଟକା, ରଘୁ ଦୋରାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଦଶହରା ପାଇଁ ପ୍ରସ୍ତୁତି ବୈଠକ

**ମାଥିଲି , ୨୩।୯ (ଡି.ଏନ.ଏ) :** ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ଦୁର୍ଗାମଣ୍ଡପଠାରେ ଆସନ୍ତା ଦଶହରା ପାଳନ ନେଇ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଗୌରୀ ବଟେଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଥାନା ଆଇଆଇସି ଜନ ଖୁଜୁର, ଜିଲା ପରିଷଦ ସଭ୍ୟ ବାଲରାଜୁ କପେଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ, ଯୁବପାଡ଼ି, ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ଦଶହରା ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଧୁମଧାମରେ ପାଳନ କରିବାକୁ ଆଲୋଚନା କରାଯାଇଥିଲା । ଏହି ଅବସରରେ ଦଶହରା ପୂଜା କମିଟି ଗଠନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ କାନାମରାଜୁ ନାୟକ, ଗ୍ରାମ ମୁଖିଆ ନରସିଂହ ନାୟକ, ହେମନ୍ତ ରାଜୁଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଭିଭାବକ ସମ୍ମିଳନୀ

**ବାଲିମେଳା, ୨୩।୯ (ଡି.ଏନ୍.ଏ.):** ମାଲକାନଗିରି ଜିଲା ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଅପରାହ୍ନ ୩ଟାରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି କୃପାସିନ୍ଧୁ ବିଶ୍ୱାଳ, ଉପସଭାପତି ଭିକାରୀ ଚରଣ ମଲିକ, ସହ ସମ୍ପାଦକ ମନୋଜ ଖଣ୍ଡୁଆଳ ଓ କୋଷାଧ୍ୟକ୍ଷ ଅକ୍ଷୟ ବିଶ୍ୱାଳ ଯୋଗ ଦେଇଥିଲେ। ସଭାପତି ପ୍ରଥମେ ଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ବିଦ୍ୟାଳୟରେ ପଢୁଥିବା ସମସ୍ତ ଛାତ୍ରୀଛାତ୍ର କିପରି ଭଲ ପାଠ ପଢ଼ିବେ, ଖେଳକୁଦରେ ନିଜର ଦକ୍ଷତା ପ୍ରତିପାଦନ କରିପାରିବେ ଏବଂ ବିଦ୍ୟାଳୟର ଉନ୍ନତି ହେବ ସେ ନେଇ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗ ଦେଇଥିଲେ। ଅଭିଭାବକମାନେ ନିଜ ନିଜର ଅସୁବିଧା ସମ୍ପର୍କରେ ମଧ୍ୟ ପରିଚାଳନା କମିଟିକୁ ଅବଗତ କରାଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅଜୟ ପାଢ଼ୀ ସଭାପତିତ୍ୱ କରିଥିଲେ। ଆଚାର୍ଯ୍ୟ ଶୁଭାଶିଷ କର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

### ଏମପି, ବିହନ ନିଗମ ଅଧ୍ୟକ୍ଷଙ୍କ ବନ୍ୟାଞ୍ଚଳ ଗସ୍ତ

# ଦାବି ପୂରଣ ନେଇ ସରକାରଙ୍କୁ ଚିଠି ଲେଖିଲେ

**ମାଲକାନଗିରି,୨୩।୯(ଡି.ଏନ.ଏ)**



ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ଏମ୍‌ପି ବଳଭଦ୍ର ମାଝିଙ୍କ ସହ ଅନ୍ୟମାନେ ଆଲୋଚନା କରୁଛନ୍ତି।

ଡାଏ ପ୍ରଭାବରେ ହୋଇଥିବା ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳକୁ ରବିବାର ଏମପି ବଳଭଦ୍ର ମାଝି ଓ ବିହନ ନିଗମ ଅଧ୍ୟକ୍ଷ ଅରବିନ୍ଦ ଢାଲି ଗସ୍ତ କରିଥିଲେ। ତାଙ୍କ ସହ ଜିଲାପାଳ ମନୀଷ ଅଗ୍ରୱାଲ, ଜିଲା ସ୍ୱତନ୍ତ୍ର ଆଦିବାସୀ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା, ବିଧାୟକ ମାନସ ମାଡ଼କାମ, ଜିଲା ବିଜେଡି ସମ୍ପାଦକ ପ୍ରଭାକର ପ୍ରଧାନ ଗସ୍ତ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଲୋକେ ନିଗମ ଅଧ୍ୟକ୍ଷ ଢାଲିଙ୍କୁ ୫ଟି ଦାବି ସମ୍ପର୍କରେ ଅବଗତ କରାଇ ଏହି ଦାବିଗୁଡ଼ିକ ପୂରଣ କରିବାକୁ କହିଥିଲେ । ମୁଖ୍ୟତଃ ପୋଟେରୁରେ କଂକ୍ରିଟ ରାସ୍ତା, ପାନୀୟଜଳ ସମସ୍ୟା, ବନ୍ୟା କ୍ଷୟକ୍ଷତିର ଆକଳନ କରି ସମସ୍ତଙ୍କୁ ସହାୟତା, କୃଷି କ୍ଷେତ୍ରରେ ହୋଇଥିବା କ୍ଷୟକ୍ଷତିର ଭରଣା ଏବଂ ଗତ ବନ୍ୟା ବେଳେ ପୋଟେରୁର ୨ଟି କେନାଲରେ ଜଳ ଛଡାଯିବା ବେଳେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ଲୋକଙ୍କୁ ନ ଜଣାଇ କିଭଳି ପୋଟେରୁ କର୍ତ୍ତୃପକ୍ଷ କେନାଲରେ ପାଣି ଛାଡିଲେ ତାହାର ତଦନ୍ତ କରିବାକୁ ସେ ଚିଠିରେ ଜଣାଇଛନ୍ତି। ମାଲକାନଗିରି ଜିଲାରେ ବନ୍ୟାରେ ଅନେକ କ୍ଷୟକ୍ଷତି ହୋଇଛି। ବର୍ତ୍ତମାନ ଜିଲାରେ ୧୧ଟି ମାଗଣା ରନ୍ଧା ଖାଦ୍ୟ କେନ୍ଦ୍ର ଖୋଲାଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କ୍ଷତିଗ୍ରସ୍ତମାନଙ୍କ ପାଇଁ ୭ଦିନ ଧରି ରନ୍ଧା ଖାଦ୍ୟ ଯୋଗାଣ ହେବ। ଶନିବାର ସୁଦ୍ଧା ୧୦ଟି କେନ୍ଦ୍ର ଖୋଲି ୧୩୪୧ଜଣଙ୍କ ନିମନ୍ତେ ଦୁଇବେଳା ରନ୍ଧା ଖାଦ୍ୟ ଏବଂ ସକାଳେ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି। ଶନିବାର ରାତିରେ ପୁଣି ପଡ଼ିଆ ବ୍ଲକର ଗିରକାନପାଲିରେ ଅନ୍ୟ ଏକ ରନ୍ଧା ଖାଦ୍ୟ କେନ୍ଦ୍ର ଖୋଲାଯାଇଛି। ସମସ୍ତ କେନ୍ଦ୍ରରେ ମୋଟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ ମିଳିଥିବା ଜଣାପଡ଼ିଛି । ବର୍ତ୍ତମାନ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି, ମାତ୍ର ଲୋକଙ୍କ ଦୁର୍ଦ୍ଦଶା କମିନାହିଁ । ବିଦ୍ୟୁତ୍ ଟେଲିଫୋନ ଓ ପିଇବା ପାଣି ନ ପାଇ ଲୋକେ ହନ୍ତସନ୍ତ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି । ପୋଟେରୁରେ ଲୋକେ ବହୁ ଦୁର୍ଦ୍ଦଶାରେ କାଳାତିପାତ କରୁଥିବା ଦେଖିବାକୁ ମିଳିଛି। ଜିଲାପାଳ ମନୀଷ ଅଗ୍ରୱାଲ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ସହ ଆଲୋଚନା କରିବା ସହ ଲୋକଙ୍କୁ ଆବଶ୍ୟକୀୟ ସାମଗ୍ରୀ ସହ ରନ୍ଧା ଖାଦ୍ୟ ପ୍ରଦାନ ପାଇଁ ସମ୍ପୃକ୍ତ ଅଞ୍ଚଳର ବିଡିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲାର ମାଲକାନଗିରି, କାଲିମେଳା ଓ କୋରୁକୋଣ୍ଡା ବ୍ଲକରେ ମୋଟ ୩୬୯ଟି ବାସଗୃହ ସାମାନ୍ୟ ନଷ୍ଟ ହୋଇଥିବାବେଳେ ୨୦୧ଟି ବାସଗୃହ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଜିଲା ଜରୁରିକାଳୀନ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି। ଏଥିସହ କ୍ଷୟକ୍ଷତିର ଆକଳନ ପ୍ରକ୍ରିୟା ଜାରି ରହିଥିବା ସେ ପ୍ରକାଶ କରିଛନ୍ତି । ତେବେ ଭାଜପା ପକ୍ଷରୁ ଆଜି କାଙ୍ଗୁରୁକୋଣ୍ଡା ଓ ପୋଟେରୁ ଆଦି ଅଞ୍ଚଳରେ କମଳ, ପଲିଥିନ, ଚୁଡ଼ା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ସେହିପରି ବିଜେଡି ପକ୍ଷରୁ ମଧ୍ୟ ରବିବାର କାଲିମେଳା ଅଞ୍ଚଳର ବିଭିନ୍ନ ସ୍ଥାନରେ ଶୁଖିଲା ଖାଦ୍ୟ ସହ ଲୁଗାପଟା ବଣ୍ଟନ କରାଯାଇଛି । ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଥିବା ଦେଖିବାକୁ ମିଳିଛି।

# କଂଗ୍ରେସର ବିଶାଳ ସମାବେଶ

**ମାଲକାନଗିରି, ୨୩।୯(ଡି.ଏନ.ଏ.)**



ଅନ୍ୟମାନଙ୍କ ଗହଣରେ କଂଗ୍ରେସର ସମାବେଶରେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି।

ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ତଣ୍ଡିକିଠାରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସମାବେଶରେ ପିସିସି କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଏମପି ପ୍ରଦୀପ୍ ମାଝି, ଜିଲା କାର୍ଯ୍ୟକାରୀ ସଭାପତି ରାମ ପ୍ରସାଦ ପଟ୍ଟନାୟକ, ମାଲା ମାଡ଼ିଙ୍କ ସମେତ ବହୁ ନେତା ଯୋଗ ଦେଇ ଆଗାମୀ ୨୦୧୯ ସାଧାରଣ ନିର୍ବାଚନରେ ଦଳର ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଏଥିସହ କେନ୍ଦ୍ରର ନେତୃତ୍ୱାଧୀନ ଏନ.ଡି.ଏ. ସରକାର ପେଟ୍ରୋଲ ଓ ଡିଜେଲ୍‌ର ଦରକୁ ନିୟନ୍ତ୍ରଣ ନ କରିପାରିବା ଏବଂ ରାଫେଲ ଯୁଦ୍ଧ ବିମାନ କ୍ରୟରେ ବ୍ୟାପକ ଅନିୟମିତତା କରି କେନ୍ଦ୍ର ସରକାର ଲୋକଙ୍କୁ ଭୂଆଁ ବୁଲାଉଥିବା ଅଭିଯୋଗ କରିଥିଲେ । ରାଜ୍ୟର ବିଜେଡି ସରକାର ଜିଲାର ସ୍ୱଭିମାନ ଅଞ୍ଚଳର ବିକାଶ ପାଇଁ ନିର୍ମାଣ କରିଥିବା ଗୁରୁପ୍ରିୟା ସେତୁରେ ବ୍ୟାପକ ଦୁର୍ନୀତି କରିଥିବା ନେତାମାନେ ଅଭିଯୋଗ କରିଥିଲେ। ବିକାଶ ନାମରେ ରାଜ୍ୟ ସରକାର ସାଧାରଣ ଜନତାଙ୍କ ଅର୍ଥ ଲୁଟ୍ କରିବାରେ ଲାଗିଛନ୍ତି । ନିକଟରେ ସରକାରଙ୍କ ବିରୋଧରେ ଚାଉଳ ଓ ସାରରେ ଦୁର୍ନୀତି ଅଭିଯୋଗ ଆସିଛି ବୋଲି କହିଥିଲେ। ଏଥି ପୂର୍ବରୁ ଏକ ବିରାଟ ଶୋଭାଯାତ୍ରାରେ ପି.ସି.ସି କାର୍ଯ୍ୟକାରୀ ସଭାପତି ମାଝିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପରେ ମାଝିଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପୋଟେରୁ , କାଲିମେଳା ଓ ପଡିଆ ବ୍ଲକର ଗିରିକାନ୍‌ପାଲ୍ ଅଞ୍ଚଳ ଗସ୍ତ କରି ପୀଡିତ ଲୋକଙ୍କ ସହ ଆଲୋଚନା କରିଥିଲେ ।

### ଡାବୁଗାଁ ଜୟ ଭାରତ ଅଟୋ ମାଲିକ ସଂଘର ବୈଠକ

# ଭଡ଼ା ବୃଦ୍ଧି ପାଇଁ ଆଲୋଚନା

**ଡାବୁଗାଁ,୨୩।୯(ଡି.ଏନ୍.ଏ)**

ନବରଙ୍ଗପୁର ଜିଲା ଡ଼ାବୁଗାଁ ବ୍ଲକ ଅଧୀନ ମେଦନା ଗ୍ରାମସ୍ଥିତ ଖେଳ ପଡ଼ିଆଠାରେ ଡ଼ାବୁଗାଁ ଜୟ ଭାରତ ଅଟୋ ମାଲିକ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ମିହିର ଶଙ୍କର ପାତ୍ରଙ୍କ ସଭାପତିତ୍ୱ କରିଥିଲେ। ବୈଠକରେ ତୈଳ ଦର ବୃଦ୍ଧି ହୋଇଥିବାରୁ ଅଟୋ ଭଡ଼ା ବୃଦ୍ଧି କରିବା ପାଇଁ ଆଲୋଚନା କରାଯାଇଥିଲା। ଏହାସହ ଗାଡ଼ିର ସମସ୍ତ କାଗଜପତ୍ର ଠିକ୍ ରଖିବା, ଇନ୍‌ସ୍ୟୁରାନ୍ସ ନବୀକରଣ କରିବା ଏବଂ ଯେଉଁ ଅଟୋ ଡ୍ରାଇଭରମାନଙ୍କର ଡ୍ରାଇଭିଙ୍ଗ୍ ଲାଇସେନ୍ସ ନାହିଁ ସେମାନେ ଯଥାଶୀଘ୍ର ଡ୍ରାଇଭିଙ୍ଗ ଲାଇସେନ୍ସ କରାଇବା ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ଉପସଭାପତି ଉତ୍ତମ ପ୍ରଧାନ, ସମ୍ପାଦକ ଗଗନ ଗନ୍ତାୟତ, ସୁବାସ ନାଗ, ଅଶୋକ ମାଝୀ, ବାବୁଲା ଗନ୍ତାୟତ, ଶଙ୍କର ମାଝୀ, ସନ୍ତୋଷ ରାଓ, ପରମେଶ ମାଝୀ, ପ୍ରିତମ ପୂଜାରୀ, ଛବି ଗୌଡ଼, ଦେବେନ୍ଦ୍ର ନାଗ, ତୁଳାରାମ ଖାନ, ଘନ ମାଝୀ, ଇନ୍ଦ୍ର ଗୌଡ଼, ନରେନ୍ଦ୍ର ସାନ୍ତା, ସୁରେଶ ଭତ୍ରା, ଅସରତ ଖାନ୍ , ହରିବନ୍ଧୁ ଏବଂ ମେଦନା , ପାଲିଆ ଓ ଅଞ୍ଚଳା ପଞ୍ଚାୟତରୁ ୬୦ଜଣ ଉପସ୍ଥିତ ରହିଥିଲେ।

# ଭାଜପା ପକ୍ଷରୁ ବନ୍ୟାଞ୍ଚଳରେ ରିଲିଫ୍ ବଣ୍ଟନ

**ମାଲକାନଗିରି,୨୩।୯(ଡି.ଏନ.ଏ.)**

ମାଲକାନଗିରି ଜିଲାରେ ଗତ ବନ୍ୟାରେ ବିଭିନ୍ନ ଅଞ୍ଚଳରେ ଅନେକ କ୍ଷୟକ୍ଷତି ହୋଇଛି। ସରକାରଙ୍କ ଦ୍ୱାରା ବିଭିନ୍ନ ରିଲିଫ୍ କ୍ୟାମ୍ପରେ ବନ୍ୟାବିପନ୍ନ ଲୋକଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ମାଲକାନଗିରି ଭାଜପା ପକ୍ଷରୁ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ପୋଟେରୁ କ୍ଷୟକ୍ଷତି ଅଞ୍ଚଳରେ ବିଭିନ୍ନ ଗ୍ରାମ ବୁଲି ଲୋକମାନଙ୍କୁ ସୁଖିଲା ଖାଦ୍ୟ, କମଳ ଏବଂ ମହିଳାମାନଙ୍କୁ ଶାଢ଼ି ବାଣ୍ଟିଥିଲେ। ଏଥିସହ ଦଳ ତରଫରୁ ସେହି ସବୁ ଅଞ୍ଚଳରେ ହୋଇଥିବା କ୍ଷୟକ୍ଷତି ଆକଳନକରାଯାଇ ଜିଲା ପ୍ରଶାସନକୁ ଏକ ତାଲିକା ପ୍ରଦାନ କରାଯିବ ବୋଲି ସଭାପତି ଅଶୋକ ପରିଡ଼ା, ମଣ୍ଡଳ ସଭାପତି ଅଶୋକ ବୌଦ୍ୟ, ଦଶରଥ ପଡ଼ିଆମି, ସୟ ସରକାର ପ୍ରମୁଖ କହିଛନ୍ତି।



ବନ୍ୟା ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ଦିନକୁ ଦିନ ବଢୁଛି ସମସ୍ୟା, ସମାଧାନ ନାହିଁ

**ମାଥିଲି , ୨୩।୯ (ଡି.ଏନ.ଏ)**

## ଟ୍ରକ ୟୁନିୟନ ବିବାଦ

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦରରେ ଥିବା ୨ଟି ଟ୍ରକ ୟୁନିୟନରେ ପୁଣି ବିବାଦ ମୁଣ୍ଡ ଟେକିଛି । ଦିନକୁ ଦିନ ସମସ୍ୟା ସମାଧାନ ହେବା ପରିବର୍ତ୍ତେ ବଢିବାରେ ଲାଗିଛି । ଏହି ବ୍ଲକ ଅନ୍ତର୍ଗତ ବଳଦିଆଗୁଡ଼ା ଏବଂ ମାଥିଲି ବ୍ଲକ କଲୋନୀଠାରେ ଗୋଟିଏ ରେଜିଷ୍ଟ୍ରେଶନରେ ୨ଟି ଟ୍ରକ ୟୁନିୟନ ରହିଛି । ସବୁ ସମୟରେ ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହେଉଛି । ପୂର୍ବରୁ ମଧ୍ୟ ବିବାଦ ଲାଗି ରହିଥିବା ନଜିର ରହିଛି । ବିଗତ ଦିନଗୁଡ଼ିକରେ ଉଭୟ ୟୁନିୟନର ସଭାପତି ଚୟନକୁ ନେଇ ବିବାଦ ଦେଖାଦେଇଥିଲା । ଏବେ ଗାଡ଼ି ପରିବହନକୁ ନେଇ ବିବାଦ ସୃଷ୍ଟି ହୋଇଛି । ଏନେଇ ମାଥିଲି ଥାନାରେ ମାମଲା ପହଞ୍ଚିଛି । ଗତ ୧୮ ତାରିଖରେ ଗୋଟିଏ ଗୋଷ୍ଠୀ ମାଥିଲି ଥାନା ଅନ୍ତର୍ଗତ ଗୋବିନ୍ଦପାଲି କେନ୍ଦୁପତ୍ର ଗୋଦାମଠାରେ ଲୋଡିଂକୁ ନେଇ କେନ୍ଦୁପତ୍ର ମାଲିକଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିବା ନେଇ ମାଥିଲି ଥାନାରେ ଦେବତା ରୋଡ କ୍ୟାରିୟର ଠିକାଦାର ସୁଦର୍ଶନ ଦେବତା ଏତଲା କରିଛନ୍ତି ।

ସେହିପରି ମାଥିଲି ଟ୍ରକ ୟୁନିୟନର ସଭାପତି ଜୀବନ ସାହୁଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତା ମଧ୍ୟ ଅନୁରୂପ ଭାବେ ପାଲଟା ଅଭିଯୋଗ କରିଛନ୍ତି । ଉଭୟଙ୍କ ଏତଲାକୁ ଗ୍ରହଣ କରି ପୋଲିସ ମାମଲା ରୁଜୁ କରିଛି । ଅନ୍ୟପକ୍ଷରେ ରବିବାର ବଳଦିଆଗୁଡ଼ାସ୍ଥିତ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟଠାରେ ଏକ ବୈଠକ ହୋଇଥିଲା । ବୈଠକରେ ଉପସ୍ଥିତ ଟ୍ରକ ମାଲିକ ସଂଘ ସଭାପତି ଆର୍ତ୍ତତ୍ରାଣ ଦେବତା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଉଭୟ ପକ୍ଷର ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇଛି । ତେବେ ମାଥିଲି ଟ୍ରକ ୟୁନିୟନ ଅଧୀନରେ ଥିବା କେତେକ ଗାଡ଼ିରେ ପରିବହନ କରାଯାଉଛି । ଅନ୍ୟପକ୍ଷରେ ତାଙ୍କ ଅଧୀନରେ ଟ୍ରକ ୟୁନିୟନରେ ଥିବା ଗାଡ଼ିଗୁଡିକୁ ପରିବହନ କ୍ଷେତ୍ରରେ ବିରୋଧ କରାଯାଉଥିବା ସେ କହିଛନ୍ତି । ପରିବହନ ପାଇଁ ସମସ୍ତ କାଗଜପତ୍ର ଠିକ ରହିଥିଲେ ମଧ୍ୟ ତାଙ୍କୁ କାହିଁକି ବାରଣ କରାଯାଉଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ପୂର୍ବରୁ ମଧ୍ୟ ଉଭୟ ୟୁନିୟନର ସଭାପତି ଚୟନକୁ ନେଇ ବିବାଦ ମୁଣ୍ଡ ଟେକିଥିଲା । ସବୁ ସମୟରେ ବିବାଦ ସୃଷ୍ଟି ହେଉଥିବା ନେଇ ଜିଲାପାଳଙ୍କୁ ମଧ୍ୟ ଅବଗତ କରାଇଥିବା ସଭାପତି ଦେବତା କହିଛନ୍ତି । ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ସେ ଦାବି କରିଛନ୍ତି । ଗୋଟିଏ ୟୁନିୟନକୁ ନେଇ ବିବାଦ ବଢିବାରୁ ଗତ ବର୍ଷେ ତଳେ ପୃଥକ୍ ପୃଥକ୍ ୟୁନିୟନ ଗଢାଯାଇଥିଲା । ବଳଦିଆଗୁଡ଼ାଠାରେ ପୂର୍ବରୁ ଥିବା କାର୍ଯ୍ୟାଳୟକୁ ବାଦ ଦେଲେ ନୂତନ ସଂଘ ଗଢ଼ି ମାଥିଲି ବ୍ଲକ କଲୋନୀଠାରେ ଅନ୍ୟ ଏକ ୟୁନିୟନ କାର୍ଯ୍ୟାଳୟ ଖୋଲାଯାଇଥିଲା । ବିବାଦକୁ ଏଡାଇବା ପାଇଁ ପୋଲିସ ତରଫରୁ ଉଦ୍ୟମ କରାଯାଉଛି । ଉଭୟପକ୍ଷର ଏତଲାକୁ ଭିତ୍ତିକରି ତଦନ୍ତ ଚାଲିଥିବା ଆଇଆଇସି ଜନ ଖୁଜୁର କହିଛନ୍ତି । ଏଥିପ୍ରତି ଜିଲା ପ୍ରଶାସନ ହସ୍ତକ୍ଷେପ କରି ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ ଏହି ବିବାଦ ଉଗ୍ର ରୂପ ନେଇପାରେ ବୋଲି ମତ ପ୍ରକାଶ ପାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମନ ଗଣ୍ଠିରେ**
**ବାବାଜି ମନ କଣ୍ଠିରେ ।**
**ବେପାରୀ ମନ ପାଣ୍ଠିରେ ।**

ଯିଏ ଚୋରି ଭଳି କିଛି ପାପ ବା ଭୁଲ୍ କାମ କରିଥାଏ ତା' ମନ ସଦାସର୍ବଦା ସେହି ଭୁଲ୍‌ରେ ହିଁ ଘାଣ୍ଟି ଚକଟି ହେଉଥାଏ। କାଳେ ତା'ର ଏପରି କୁକର୍ମ ଅନ୍ୟ ଆଖିରେ ଧରାପଡ଼ି ନ ଯିବ ସେ ନେଇ ମନରେ ବ୍ୟଗ୍ରତା ସୃଷ୍ଟି ହୋଇଥାଏ। ସେହିପରି ବାବାଜି ଭଳି ସାଧୁ ସନ୍ଥଙ୍କ ମନ ଈଶ୍ୱର ସାଧନା ସହ ମାଳା ଜପିବାରେ ଲାଗି ରହିବା ଭଳି ବେପାରୀ ମନ ଅର୍ଥ ପାଖରେ ବନ୍ଧା ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚାଉଳ ସେରକୁ ତିନି ପରାଣୀ**
**ଆହୁରି ଯାଉଛି ବୋହୂକୁ ଆଣି ।**

ଖାଦ୍ୟର ପରିମାଣ ବହୁତ କମ୍ ଅଥଚ ଖାଇବାକୁ ଲୋକ ବହୁତ। ଏପରିସ୍ଥଳେ ଖାଦ୍ୟ ନିଅଣ୍ଟିଆ ପଡ଼ିବା ସୁନିଶ୍ଚିତ। ଯେତେବେଳେ ଖାଦ୍ୟାଭାବ ପରିସ୍ଥିତି ଲାଗି ରହିଥାଏ ସେତେବେଳେ ଅନ୍ୟକୁ ଆଣି ପାଖରେ ରଖିବା ନେଇ ଯୋଜନା ବା ମନସ୍ଥ କରିବା ମୂର୍ଖାମିର ପରିଚୟ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ rgdselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍ଫି କର୍ନର



@ ସନ୍ତୋଷ



@ ମଧୁପ୍ରସାଦ



@ କାଳିପ୍ରସାଦ



@ ଦେବାଶିଷ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | rgdselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)



ଅନ୍ୟର ଧନ ଅପହରଣ, ମିତ୍ରକୁ ଅପମାନ ଦେବା ଏବଂ ଚରିତ୍ରହୀନତା, ଏହି ତିନୋଟି ଗୁଣ ବିନାଶକୁ ଡାକିଆଣେ।
-ମହାତ୍ମା ଗାନ୍ଧୀ



# ରାୟଗଡ଼ା, ଜୟପୁରରେ ହେଉ ତେଲ ଡିପୋ

## କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ତାରା

ଜୟପୁର,୨୩।୯(ନି.ପ୍ର.)

ଅବିଭକ୍ତ କୋରାପୁଟ ଓ କଳାହାଣ୍ଡି ଜିଲାରେ ଥିବା ପେଟ୍ରୋଲ ପମ୍ପ ପାରାଦୀପରୁ ତେଲ ଆଣୁଥିବାରୁ ବହୁତ କ୍ଷତି ହେଉଛି। ଏହି କାରଣରୁ ତୈଳଦର ଅଧିକ ରହିବା ଯୋଗୁ ଆଦିବାସୀ ବହୁଳ ଓ ସ୍ୱଳ୍ପ ଆୟଭିତ୍ତିକ ଜିଲାର ବାସିନ୍ଦା ଏଥିପାଇଁ ପ୍ରଭାବିତ ହେଉଛନ୍ତି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏନେଇ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ତୈଳ ଦର ବୃଦ୍ଧିର ମୁଖ୍ୟ କାରଣ ହେଉଛି ପରିବହନ । ଏହି ପରିବହନ ଖର୍ଚ୍ଚ କାଟ କରାଗଲେ ଜିଲାବାସୀ ଉପକୃତ ହେବେ ବୋଲି ସେ ଉଲ୍ଲେଖ କରିଛନ୍ତି । ବର୍ତ୍ତମାନ ଏହି ଜିଲାର ସମସ୍ତ ପେଟ୍ରୋଲ ପମ୍ପ ପାରାଦୀପରୁ ତେଲ ଆଣି ବିକ୍ରି କରୁଥିବା ବେଳେ ଏହାର ପରିବହନ ଖର୍ଚ୍ଚ ପରିମାଣ ଜନସାଧାରଣଙ୍କୁ ବହନ କରିବାକୁ ପଡୁଛି । ତେଣୁ ବିଶାଖାପାଟଣାରୁ ତେଲ ଆଣିଲେ ସେହି ପରିବହନ ଖର୍ଚ୍ଚ ରହିପାରିବ। ପୂର୍ବରୁ ରାୟଗଡ଼ାରେ ଏକ ସବ ଡିପୋର ପ୍ରସ୍ତାବ ଥିଲା, ଯାହା ଏଯାବତ୍ କାର୍ଯ୍ୟକାରୀ ହୋଇନାହିଁ। ଜୟପୁରରେ ଏକ ମିନି ଡିପୋ କାର୍ଯ୍ୟ କରୁଥିଲେ ମଧ୍ୟ ତାହା ମଧ୍ୟ କୌଣସି କାରଣରୁ ବନ୍ଦ ରହିଛି । ତେଣୁ ଏହି ଦୁଇଟି ଡିପୋ କାର୍ଯ୍ୟକ୍ଷମ କରିବା ପାଇଁ ସେ ଦାବି କରିଛନ୍ତି।

# ଚିକିତ୍ସାଧୀନ ଥାଇ ଆଖି ବୁଜିଲେ ଛାତ୍ରୀ

କୋରାପୁଟ,୨୩।୯(ସ୍ୱ.ପ୍ର.)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ଡାକ୍ତରଖାନାରେ ଭର୍ତ୍ତିହୋଇ ଚିକିତ୍ସିତ ହେଉଥିବା ଜଣେ ଛାତ୍ରୀଙ୍କ ରବିବାର ମୃତ୍ୟୁ ହୋଇଛି। କୁନ୍ଦୁଲି ପଞ୍ଚାୟତ ମରଲା ଗ୍ରାମର ଦାମ ଦିଶାରୀଙ୍କ ଝିଅ ଚନ୍ଦ୍ରମା ପଟ୍ଟାଙ୍ଗି ବ୍ଲକ ଗାଙ୍ଗରାଜପୁରରେ ମାମୁଘରେ ରହି ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲା। ଗତ ସୋମବାର ତାକୁ ଜ୍ୱର ହେବା ସହ ପାଟିରେ ଘା ହୋଇଥିଲା । ଖାଦ୍ୟ ଖାଇବାରେ ଅସୁବିଧା ହେଉଥିବାରୁ ତାକୁ ପ୍ରଥମେ ସ୍ଥାନୀୟ କୁନ୍ଦୁଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅଧିକ ଚିକିତ୍ସା ପାଇଁ ତାକୁ କୋରାପୁଟ ମେଡିକାଲ କଲେଜ ଅଣାଯାଇଥିଲା। ସମସ୍ତ ପରୀକ୍ଷା କରାଯାଇଥିବା ବେଳେ ତାଙ୍କର କି ପ୍ରକାର ରୋଗ ହୋଇଛି, ସେ ନେଇ କୌଣସି ସୂଚନା ମିଳିନଥିଲା । ଚିକିତ୍ସା ଜାରି ରହିଥିବା ବେଳେ ରବିବାର ସକାଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାକୁ ଅକ୍ସିଜେନ ଦିଆଯାଇଥିଲା। ଏହାସତ୍ତ୍ୱେ ଅପରାହ୍ନରେ ତାର ମୃତ୍ୟୁ ହୋଇଛି। ପରିବାର ଲୋକେ ମହାପ୍ରୟାଣ ଗାଡ଼ିରେ ମୃତଦେହକୁ ନିଜ ଗାଁକୁ ନେଇଯାଇଛନ୍ତି।

## ସଂକ୍ଷେପରେ



### ପୋଡ଼ାଗଡ଼ରୁ ୧୦ ଫୁଟର ଅଜଗର ଉଦ୍ଧାର

କୋରାପୁଟ,୨୩।୯(ସ୍ୱ.ପ୍ର.):କୋରାପୁଟ ବନ ବିଭାଗ ଦ୍ୱାରା ଦଶମନ୍ତପୁର ବ୍ଲକର ପୋଡ଼ାଗଡ଼ ଅଞ୍ଚଳରୁ ଏକ ୧୦ ଫୁଟିଆ ଅଜଗର ସାପ ଉଦ୍ଧାର କରାଯାଇଛି। ପୋଡ଼ାଗଡ଼ ସଦର ମହକୁମାର ଜଣେ ବ୍ୟକ୍ତିଙ୍କ ଘର ପାଖରେ ଏହି ବିରାଟ ସାପ ଦେଖିବା ପରେ ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ । ସୂଚନା ପାଇ କୋରାପୁଟ ବନଖଣ୍ଡ ରେଞ୍ଜର ଫରେଷ୍ଟର ସୁନିତା ସ୍ୱାଇଁ, ବାଦଲ ମହାନ୍ତି ଓ ସାପ ଧରାଳି ପ୍ରତୀକ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଅଜଗରକୁ ଧରି କୋରାପୁଟ ରେଞ୍ଜ ଅଫିସକୁ ଆଣିଥିଲେ। ରବିବାର ଏହି ସାପକୁ ସ୍ଥାନୀୟ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା କୋରାପୁଟ ରେଞ୍ଜ ଅଧିକାରୀ ସୁବାସ ଚନ୍ଦ୍ର ଖୁଣ୍ଟିଆ କହିଛନ୍ତି।

### ବାଇକ୍‌କୁ ଧକ୍କା ଦେଲା ବସ୍ ବାପ-ପୁଅ ଆହତ

ଜୟପୁର,୨୩।୯(ନି.ପ୍ର.): ଜୟପୁର ସଦର ଥାନା ଅନ୍ତର୍ଗତ ଟାଙ୍କୁଆରେ ରବିବାର ବାଇକ୍‌ର ପଛପଟୁ ବସ୍ ଧକ୍କା ଦେଇଛି। ବାଇକ୍‌ରେ ଥିବା ବାପା କେଶବ ଆଲାଦଙ୍କ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ପୁଅ ସଦବେ ଗୁରୁତର ହୋଇଛନ୍ତି । କେଶବଙ୍କୁ ଜୟପୁର ଜିଲା ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରି କୋରାପୁଟ ସ୍ଥାନାନ୍ତର କରାଯାଇଛି। ସନ୍ତୋଷୀ ନାମକ ଘରୋଇ ବସ (ଓଆର ୧୦ଡି ୫୨୧୦) ଚିତ୍ରକୋଣ୍ଡାରୁ ଜୟପୁର ଆସୁଥିଲା। କେଶବ ଓ ତାଙ୍କ ପୁଅ ବାଇକ୍ (ଓଡି ୧୦ଏ ୧୨୦୧)ରେ ଆଖି ଦେଖାଇବା ପାଇଁ ବାଇକ ଯୋଗେ ଜୟପୁର ଆସୁଥିଲେ । ଟାଙ୍କୁଆ ନିକଟରେ ବସ୍‌ଟି ବାଇକକୁ ପଛପଟୁ ଧକ୍କା ଦେବା ଫଳରେ ୧୦ ଫୁଟ ଦୂରକୁ ବାପ ଓ ପୁଅ ଛିଟ୍‌କି ପଡ଼ିଥିଲେ। ଏନେଇ ସଦର ଥାନାରେ ଅଭିଯୋଗ ହେବାରୁ ପୋଲିସ ବସ୍ ଓ ବାଇକ୍‌କୁ ଜବତ କରି ୧୪୯/୧୮ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ କୈଳାସ ସେଠୀ ସୂଚନା ଦେଇଛନ୍ତି ।

### କଫିଚାଷୀ ସୁଜୟଙ୍କୁ ସିଟିଜେନ ଆୱାର୍ଡ଼



କୋରାପୁଟ,୨୩।୯(ସ୍ୱ.ପ୍ର.): କୋରାପୁଟର ସଫଳ କଫିଚାଷୀ ସୁଜୟ ପ୍ରଧାନଙ୍କୁ ଓଡ଼ିଶା ସିଟିଜେନ ଆୱାର୍ଡ଼ ପ୍ରଦାନ କରାଯାଇଛି। ଶୁକ୍ରବାର ଭୁବନେଶ୍ୱରଠାରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ସମାରୋହରେ ରାଜ୍ୟପାଳ ଗଣେଶୀ ଲାଲଙ୍କ ହାତରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ସୁଜୟ। କୋରାପୁଟ ସଦର କେନ୍ଦ୍ରୀୟ ବିଦ୍ୟାଳୟ ନିକଟସ୍ଥ ହାଉସିଂବୋର୍ଡ଼ କଲୋନିରେ ତାଙ୍କର ଘର। ସେ ଜଣେ ଉଚ୍ଚଶିକ୍ଷିତ ହୋଇ ମଧ କୋରାପୁଟର ପୋଡ଼ାଗଡ଼ ପଞ୍ଚାୟତ ଅଞ୍ଚଳରେ ଉନ୍ନତ ପ୍ରଣାଳୀରେ କଫି ଓ ଗୋଲମରିଚ ଚାଷ କରି ଉଲ୍ଲେଖନୀୟ ସଫଳତା ପାଇଛନ୍ତି।

### ଶତାୟୁ ସାମାଜିକ କର୍ମୀଙ୍କ ପରଲୋକ

ବୈପାରୀଗୁଡ଼ା,୨୩।୯(ଡି.ଏନ୍.ଏ.): ବୈପାରୀଗୁଡ଼ା ବ୍ଲକ ହଳଦୀକୁଣ୍ଡ ପଞ୍ଚାୟତ ଅଞ୍ଚଳର ସାମାଜିକ କର୍ମୀ ତଥା ଶତାୟୁ ବୃଦ୍ଧା ଡାଳିମ୍ବ ବାଲିଆଙ୍କ ରବିବାର ପରଲୋକ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୧୧୦ ବର୍ଷ ବୟସ ହୋଇଥିଲା । ଡାଳିମ୍ବ ଏ ଅଞ୍ଚଳରେ ଧାଈମା ଭାବେ ସେବା କରିବା ସହ କୌଣସି ଆଦିବାସୀ ଲୋକେ ରୋଗରେ ପଡ଼ିଲେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଆସୁଥିଲେ। ତାଙ୍କର ଏହି ସେବା ମନୋଭାବ ପାଇଁ ଲୋକେ ତାଙ୍କୁ ସ୍ନେହରେ ଇନ୍ଦିରା ଗାନ୍ଧି ବୋଲି ସମ୍ବୋଧନ କରୁଥିଲେ । ତାଙ୍କ ବିୟୋଗରେ ଉକ୍ତ ଇଲାକାରେ ଗଭୀର ଶୋକ ପ୍ରକାଶ ପାଇଛି।



କର୍ମୀ ସମ୍ମିଳନୀରେ ଏକାଠି ହୋଇଥିବା ରାଜ୍ୟ ଓ ସ୍ଥାନୀୟ ନେତୃବୃନ୍ଦ ।

# କର୍ମୀ ସମ୍ମିଳନୀ: ଦଳକୁ ସୁଦୃଢ଼ କରିବାକୁ ଜୋର୍

ଲମତାପୁଟ,୨୩।୯(ଡି.ଏନ.ଏ)

କୋରାପୁଟ ଜିଲା ଲମତାପୁଟ ବ୍ଲକର ବିଚ୍ଛିନ୍ନାଞ୍ଚଳ ଟିକରପଡ଼ା ନଦୀ ଘାଟରେ ରବିବାର ଲମତାପୁଟ ବ୍ଲକ ବିଜେଡ଼ିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ରାଜ୍ୟ ଯୋଜନାବୋର୍ଡ଼ ସଭ୍ୟ ଇଶ୍ୱରଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି, ରାଜ୍ୟ ଖଦିବୋର୍ଡ଼ ସଭ୍ୟ ତେଜେଶ୍ୱର ପରିଡ଼ା ମୁଖ୍ୟବକ୍ତା , ଏମପି ଝିନ୍ନ ହିକ୍କା, ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ପ୍ରଫୁଲ୍ଲ ପାଙ୍ଗି, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନି, ଉପାଧ୍ୟକ୍ଷା ତୁଳସୀ କ୍ରିଷାନୀ, ରଘୁରାମ ମାଛ, ତ୍ରିନାଥ ପାତିକା, ରଘୁରାମ ପାଡ଼ାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଲମତାପୁଟ ବ୍ଲକ ଓ କୋରାପୁଟ ନିର୍ବାଚନମଣ୍ଡଳୀରେ କିଭଳି ଦଳ ସୁଦୃଢ ହେବ ସେନେଇ ଆଲୋଚନା ହୋଇଥିଲା । କୋଲାବ ଜଳଭଣ୍ଡାର ଦ୍ୱାରା ବିଚ୍ଛିନ୍ନ ହୋଇଥିବା ଟିକରପଡ଼ା,କୁମାର ଗନ୍ଧଣା, ଉସ୍କେଲ ଓ ବନମାଳିପୁଟ ୪ ପଞ୍ଚାୟତବାସିନ୍ଦାଙ୍କ ପାଇଁ ସିନ୍ଧିପୁଟଠାରେ ଏକ ପୋଲ ନିର୍ମାଣ ନିମନ୍ତେ ସମସ୍ତେ ଏକଜୁଟ ହୋଇ ଦଳ ସହ ହାତ ମିଶାଅ । ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ସମ୍ମିଳନୀରେ ଲମତାପୁଟ ବ୍ଲକ ବିଜେଡ଼ି ସଭାପତି ସୁନାଧର ଅଡ଼ାରୀ, ଲଇଚ୍ଛନ ବଡ଼ନାୟକ, ନବଘନ ବାଘ, ଧନୁର୍ଯ୍ୟୟ ବଡ଼ନାୟକ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ହନ୍ତାଳ, ମୁନା ଦଳପତି, ଶିବ ପଟ୍ଟନାୟକଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।

# କାପଲଡ଼ାରେ ଫସଲ ଉଜାଡ଼ିଲେ ହାତୀପଲ

କୋରାପୁଟ,୨୩।୯(ସ୍ୱ.ପ୍ର.)

କୋରାପୁଟ ଜିଲାର ସୀମାନ୍ତ ବନ୍ଧୁଗାଁ ବ୍ଲକର କାପଲଡ଼ା ଗ୍ରାମପଞ୍ଚାୟତ ଆନ୍ଧ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଏକ ବଣୁଆ ହାତୀପଲ ପଶିଛନ୍ତି । ସେଠାକାର ବହୁ ଜମିରେ ଫସଲ ନଷ୍ଟ କରିଥିବାବେଳେ ଅଞ୍ଚଳବାସୀ ଏବେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ସୂଚନା ଥାଉକି ଯେ କଳାହାଣ୍ଡିର ଏମ୍.ରାମପୁର ଅଞ୍ଚଳରୁ ଏକ ହାତୀ ପଲ ଯେଉଁଥିରେ ୭ ହାତୀ ରହିଛନ୍ତି, ସେମାନେ ଶନିବାର କାପଲଡ଼ା ଜଙ୍ଗଲରେ ପଶିଥିଲେ । ରାତିରେ ଏହି ହାତୀ ପଲ ଅଞ୍ଚଳର କଦଳୀ, ଧାନ, ମାଣ୍ଡିଆ, ମକା ଫସଲ ନଷ୍ଟ କରଛନ୍ତି। ସେହିପରି ସେଠାରେ କରାଯାଇଥିବା ଲେମନ ଗ୍ରାସ ଚାଷକୁ ମଧ୍ୟ ଦଳି ନଷ୍ଟ କରିଛନ୍ତି ହାତୀପଲ। ଖବର ପାଇ ନାରାୟଣପାଟଣା ରେଞ୍ଜର ବନ ବିଭାଗ କର୍ମଚାରୀ ହାତୀପଲକୁ ଏଠାରୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

# ରୋଗୀ ପରିଚାଳନା ତାଲିମ ଶିବିର



ତାଲିମ ଶିବିରରେ ଅତିଥିମାନେ ।

ଜୟପୁର,୨୩।୯(ଡି.ଏନ୍.ଏ.)

ଜୟପୁରସ୍ଥିତ ଜିଲା ଚିକିତ୍ସାଳୟରେ ନ୍ୟାସନାଲ କ୍ୱାଲିଟି ଆସ୍ୟୁରାନ୍ସ ସର୍ଭିସ ପକ୍ଷରୁ ରବିବାର ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏହି ଶିବିରରେ ସିଡିଏମ୍‌ଓ ଡା. ଲଳିତ ମୋହନ ରଥ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଚିକିତ୍ସା ସହିତ ରୋଗୀଙ୍କୁ ଉତ୍ତମ ବ୍ୟବହାର, ପରିଚାଳନା ଏବଂ ପ୍ରତିଦିନ ରୋଗୀଙ୍କ ସମ୍ପର୍କିତ ଆସୁଥିବା ସମସ୍ୟାକୁ ଉତ୍ତମ ଭାବେ ସମାଧାନ ପାଇଁ ତାଲିମ ଦିଆଯାଉଛି। ଏଥିରେ ମାଷ୍ଟର ଟ୍ରେନର ଭାବେ ଦିଲ୍ଲୀରୁ ଡା. ଧନେଶ୍ୱର ଲାଲ ଯୋଗ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜୟପୁର ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ଡା. ଦଧିବାମନ ତ୍ରିପାଠୀ, ଏଡିଏମ୍‌ଓ ତଥା ଡିପିଏଚଓ ଡା. ଅରୁଣ ପାଢ଼ୀ, ଏନଆରଏଚଏମ ଡିପିଏମ ଶୁଭ୍ରକାନ୍ତ ଗନ୍ତାୟତ ଉପସ୍ଥିତ ଥିଲେ । ଚିକିତ୍ସାଳୟ ମ୍ୟାନେଜର ରୁପସି ମଧୁମିତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦାମନଯୋଡ଼ିରେ ନୂଆଖାଇ ଭେଟ୍‌ଘାଟ୍



ଭେଟଘାଟରେ ସାମିଲ ହୋଇଥିବା ପୁରୁଷ ଓ ମହିଳାମାନେ ।

ଦାମନଯୋଡ଼ି,୨୩।୯(ଡି.ଏନ୍.ଏ.)

ଦାମନଯୋଡ଼ିରେ ରହୁଥିବା ପଶ୍ଚିମ ଓଡ଼ିଶା ଭାଇଭଉଣୀଙ୍କ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍ ପାଳିତ ହୋଇଛି। ରବିବାର ସେକ୍ଟର-୩ ମନ୍ଦିରରେ ଏଥିପାଇଁ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ନୂଆ ଚାଉଳରେ ତିଆରିଗୁଡ଼ାକୁ ଶ୍ରୀଜଗନ୍ନାଥ ଓ ମା' ସମଲେଶ୍ୱରୀଙ୍କଠାରେ ଭୋଗ ଲାଗି ହୋଇଥିଲା। ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ସମସ୍ତେ ମା'ଙ୍କ ଆଶୀର୍ବାଦ ନେଇଥିଲେ। ଦାମନଯୋଡ଼ି ନୂଆଖାଇ ଭେଟ୍‌ଘାଟ୍ କମିଟିର ସଦସ୍ୟ ଅମରନାଥ ନାମଦେବ ଓ ଚନ୍ଦ୍ରଭାନୁ ବାଘଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ପକ୍ଷରୁ ପି.କେ. ମହାପାତ୍ର ଅଧକ୍ଷତା କରିଥିବା ବେଳେ ଲିଲିମା ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ। ସଦସ୍ୟ ଶେଷଦେବ ଶତପଥୀ, ତପେଶ୍ୱର ମେହେରା, ପୀତବାସ ପାଣ୍ଡେ, ସୁରେନ୍ଦ୍ର କହଁର, ଗିରିଧାରୀ ତିର୍କି, ଅଶ୍ୱିନୀ ଭୋଇ, ନିରଞ୍ଜନ ଗୌଡ଼, ଜଳେନ୍ଦ୍ର ତ୍ରିପାଠୀ, କପିଳାସ କର୍ଣ୍ଣ, ପ୍ରଶାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭୋଟର ତାଲିକା ସଂଶୋଧନ ଅଭିଯାନ

ଦାମନଯୋଡ଼ି,୨୩।୯(ଡି.ଏନ୍.ଏ.)

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ୨୨ଟି ବୁଥ୍‌ରେ ସୁପରଭାଇଜର ତ୍ରିଶଙ୍କ ସୁବୁଦ୍ଧିଙ୍କ ନେତୃତ୍ୱରେ ଭୋଟରମାନେ ନାମ ସଂଯୋଗ, ତ୍ରୁଟି ସଂଶୋଧନ କରିବା କାର୍ଯ୍ୟ କରାଇଥିଲେ। ନାଲକୋ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ୬୧, ୬୨ ଓ ୬୩ ନମ୍ବର ବୁଥ୍‌ସ୍ତରୀୟ ସଂଶୋଧନରେ ଅଧିକାରୀ ସୁକାନ୍ତି ଦାଶ, ସୁମିତ୍ରା ଧଳ ଓ ସୂର୍ଯ୍ୟକାନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲୋକ ସମ୍ପର୍କ ଗଢ଼ିବାକୁ କର୍ମୀଙ୍କୁ ଆହ୍ୱାନ



ବୈପାରୀଗୁଡ଼ା,୨୩।୯(ଡି.ଏନ୍.ଏ.)

ବ୍ଲକ ବିଜେଡି ପକ୍ଷରୁ ରବିବାର ବୋଦାପୁଟ ଓ ମାଝିଗୁଡା ଗ୍ରାମ ପଞ୍ଚାୟତ ନହକୁମାଠାରେ ପୃଥକ ଭାବେ ୨୧ ଜଣିଆ ୱାର୍ଡ଼ କମିଟି ସଦସ୍ୟମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ସାଧାରଣ ସଂପାଦକ ଧର୍ମେନ୍ଦ୍ର ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ ସଭାପତି ଜଗଦିଶ ଜେନା ଅଧକ୍ଷତା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବିଜୟ ସାମନ୍ତରାୟ, ବରିଷ୍ଠ ନେତା ସାଥିରାମ ନାୟକ, ଶ୍ରୀନିବାସ ରାଓ, ମୁନା ମହାପାତ୍ର, ଆର୍. ଦାମ୍ନିକା, ବୈକୁ ରାଓ, ସୁରେନ୍ଦ୍ର ପ୍ରଧାନି ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ୱାର୍ଡ଼ ସଦସ୍ୟଙ୍କୁ ବିଜେଡି ସରକାରଙ୍କ ବିଭିନ୍ନ ଜନପ୍ରିୟ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରିବା ସାଙ୍ଗକୁ ଲୋକସଂପର୍କ ଗଢିବାକୁ ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ ସୁରେନ୍ଦ୍ର ପ୍ରଧାନୀଙ୍କୁ ବ୍ଲକ ଉପସଭାପତି ଭାବେ ଘୋଷଣା କରାଯାଇଥିଲା । ସେହିପରି ଚିକିମା ଗ୍ରାମର ଭାସ୍କର ପଣ୍ଡା ବିଜେଡିରେ ସାମିଲ ହୋଇଥିଲେ ।

# ପଞ୍ଚାୟତସ୍ତରୀୟ କର୍ମଶାଳା

ସେମିଳିଗୁଡ଼ା,୨୩।୯(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ୍ ପୌର ପରିଷଦ ଦକ୍ଷତା ବୃଦ୍ଧି କେନ୍ଦ୍ରରେ ପଞ୍ଚାୟତସ୍ତରୀୟ କର୍ମଶାଳା ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଖଦି ଓ ଗ୍ରାମ୍ୟୋଦ୍ୟୋଗ ବୋର୍ଡ଼ ସଭାପତି ତେଜେଶ୍ୱର ପରିଡ଼ା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀ, ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବିଧାୟକ ରଘୁରାମ ପଡାଲ, ଅମିତ ଅଗ୍ରୱାଲ, ଯୁବ ବିଜେଡି ସଭାପତି ଜୋନ-୧ ଜେଡ଼ିପି ସାମ ହନ୍ତାଳ ଏବଂ ସେମିଳିଗୁଡ଼ା ବ୍ଲକ୍‌ର ୧୭ଟି ପଞ୍ଚାୟତର ୱାର୍ଡ ମେମ୍ବର, ସମିତି ସଭ୍ୟ ଯୋଗ ଦେଇଥିଲେ। ଆଗାମୀ ନିର୍ବାଚନ ପାଇଁ ବିଭିନ୍ନ ଦିଗ ଉପରେ ଏଠାରେ ଆଲୋଚନା କରାଯାଇଥିଲା।



କର୍ମଶାଳାରେ ପଙ୍ଗୀ ବିଧାୟକଙ୍କ ସହ ଅନ୍ୟମାନେ ।

# ମେରିଆ ପୂଜାମଣ୍ଡପରେ ସଙ୍ଗୀତ ସନ୍ଧ୍ୟା

ବୋରିଗୁମ୍ମା,୨୩।୯(ଡି.ଏନ୍.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ସ୍ଥାନୀୟ ମେରିଆ କ୍ଲବ ଗଣେଶ ପୂଜାମଣ୍ଡପରେ ଶନିବାର ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମେରିଆ କ୍ଲବ ପକ୍ଷରୁ ବିନାୟକ ମ୍ୟୁଜିକ ଦ୍ୱାରା ଏହି ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ହରି ହୋତା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଭିମନ୍ୟୁ ପଡ଼ାଲ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେହିପରି ଦିବଂଗତ ସଦସ୍ୟ କେ. ଗଙ୍ଗାପ୍ରସାଦ ଦୋରା, ରିଟୁ ପଡ଼ାଲ, ସୁନୀଲ କୁମାର ରାଉତ, ଲାଲା, ଜି. କିଟୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ଥାନୀୟ ବିନାୟକ ମ୍ୟୁଜିକ ପକ୍ଷରୁ ଦୀପକ ରଥ ମଞ୍ଚ ପରିଚାଳନା ଓ ସୂର୍ଯ୍ୟ ଆଚାରୀ, ଅନୀଲ କୁମାର ସହଯୋଗ କରିଥିଲେ। କ୍ଲବ ପକ୍ଷରୁ ଶିକ୍ଷକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଏନ୍. ରାଜେଶ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଯୁବ ବିଜେଡିର ବାଇକ ରାଲି



ବାଇକ୍ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରୁଛନ୍ତି ଯୁବ ବିଜେଡିର କର୍ମୀମାନେ ।

ଲକ୍ଷ୍ମୀପୁର,୨୩।୯

ଲକ୍ଷ୍ମୀପୁର ବ୍ଲକ ବିଜେଡି ଯୁବ ସଭାପତି ପିଣ୍ଟୁ କୌଶଲ୍ୟାଙ୍କ ନେତୃତ୍ୱରେ ଶତାଧିକ ଯୁବକର୍ମୀ ଜିଲା ଯୁବ ସଭାପତି ଅମିତ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରି ବିରାଟ ବାଇକ୍ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଇଛନ୍ତି। ଲକ୍ଷ୍ମୀପୁର ଜୋନ୍-୧ର ୭ଟି ପଞ୍ଚାୟତ ଯଥା- ଭିତରଗଡ଼, ଗୌଡ଼ଗୁଡ଼ା, ପଞ୍ଚଡ଼ା, ତୁନପାର, କାକିରିଗୁମ୍ମା, କୁସୁମଗୁଡ଼ା, ତୟାପୁଟର ଯୁବକର୍ମୀ ଏଥିରେ ସାମିଲ ଥିଲେ। ପ୍ରତି ପଞ୍ଚାୟତରେ ସରକାରଙ୍କ ଯୋଜନାର ସଫଳ ରୂପାୟନ ପାଇଁ ଲୋକଙ୍କୁ ଏହି ଶୋଭାଯାତ୍ରାରେ ବାର୍ତ୍ତା ଦିଆଯାଇଥିଲା। ଶେଷରେ ତୟାପୁଟ ପଞ୍ଚାୟତର ଶାନ୍ତିପଦରରେ ଏକ ବୈଠକ ହୋଇଥିଲା। ଏଥିରେ ଜିଲା ଯୁବ ସଭାପତି ଅମିତ ଅଗ୍ରୱାଲ, ଉପସଭାପତି ଭରତ ମଲ୍ଲିକ, ଜିଲା ସମ୍ପାଦକ ପ୍ରଭାତ ସୂତାର, ସୁନାବେଡ଼ା ଏନ୍‌ଏସି ଉପାଧ୍ୟକ୍ଷ ରତ୍ନାକର ନନ୍ଦ, ଜିଲା ଯୁବ ବିଜେଡି ସଦସ୍ୟ ହୃଷିକେଶ ବିଶୋଇ ଉପସ୍ଥିତ ଥିଲେ। ଦ୍ରୋଣ ଖୋସ୍‌ଲା, ହରିଶ ସଗର, ମନୋଜ ଖୋସ୍‌ଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପିଲାଙ୍କ ଶିକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି ପୂର୍ଣ୍ଣ

ଦଶମନ୍ତପୁର,୨୩।୯(ଡି.ଏନ୍.ଏ.)

ନିଆରା ମଣିଷ ପୂର୍ଣ୍ଣ ଟାକ୍ରୀ। ପିଲାଙ୍କ ଶିକ୍ଷା ପାଇଁ ଦୀର୍ଘ ବର୍ଷ ସେ ଅଣ୍ଟା ଭିଡ଼ିଛନ୍ତି। ବିଦ୍ୟାଳୟ ଯିବା ପୂର୍ବରୁ ଏବଂ ପର ସମୟରେ ପିଲାଙ୍କୁ ଶିକ୍ଷାଦାନ କରନ୍ତି ପୂର୍ଣ୍ଣ। ଏଥିପାଇଁ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ନନ୍ଦିଗାଁ ପଞ୍ଚାୟତରେ ସେ ଲୋକଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ବାଗ୍ରୀବେଡ଼ା ଗ୍ରାମ ବିଦ୍ୟାଳୟରେ ସ୍ଥାନୀୟ ତୋଟାଗୁଡା ଏବଂ ବାଗ୍ରୀବେଡା ଗ୍ରାମରୁ ୧ମରୁ ୫ମ ଯାଏଁ ପ୍ରାୟ ୫୭ ପିଲା ଅଧ୍ୟୟନ କରନ୍ତି। ଏହି ପିଲାଙ୍କୁ ମାଗଣାରେ ଶିକ୍ଷାଦାନ କରୁଛନ୍ତି ଯୁବ ସାମାଜିକ କର୍ମକର୍ତ୍ତା ପୂର୍ଣ୍ଣ। ସେ ପିଲାଙ୍କୁ ବିଦ୍ୟାଳୟ ଖୋଲିବା ପୂର୍ବରୁ ଏବଂ ଛୁଟି ପରେ ଶିକ୍ଷାଦାନ କରିଥାନ୍ତି।



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ପୂର୍ଣ୍ଣ ।

ଯୋରୀଗାଡ ବେଢ଼ା ନାଳରେ ପିଲାଙ୍କୁ ପାର କରାଇ ମାଗଣାରେ ପାଠ ପଢ଼ାଉଛନ୍ତି। ପିଲାଙ୍କୁ ନେବା, ଆଣିବା ସହିତ ଘରେ ପହଞ୍ଚାଉଛନ୍ତି। ଦୁଇ ସପ୍ତାହକୁ ଥରେ ପିଲାଙ୍କ ମଧ୍ୟରେ ପାଠ୍ୟ ବିଷୟବସ୍ତୁ ଉପରେ ପ୍ରତିଯୋଗିତା କରାଇ ଅଧିକ ନମ୍ବର ରଖିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରନ୍ତି। ଏପରି ଶିକ୍ଷାଦାନ କରିବାରେ ତାଙ୍କୁ ଆନନ୍ଦ ଲାଗୁଥିବା ପୂର୍ଣ୍ଣ ପ୍ରକାଶ କରିଛନ୍ତି । ଗ୍ରାମବାସୀ ତାଙ୍କୁ ଆଦର କରୁଥିବା ସହ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରନ୍ତି ବୋଲି ସେ କହିଛନ୍ତି। ଗ୍ରାମର ଟ୍ୟୁସନ ଶିକ୍ଷକ ପୂର୍ଣ୍ଣଙ୍କୁ ବିଦ୍ୟାଳୟର ଶିକ୍ଷକମାନେ ଯଦି ସହଯୋଗ କରନ୍ତେ, ତେବେ ଆଗାମୀ ଭବିଷ୍ୟତରେ ଆମ ଗାଁରୁ ଜଣେ ନା ଜଣେ ଉଚ୍ଚ ଶିକ୍ଷିତ ପିଲା ବାହାରନ୍ତେ ବୋଲି ଅଭିଭାବକମାନେ ମତପ୍ରକାଶ କରିଛନ୍ତି।

## ସଂକ୍ଷେପରେ



### ୧୧ ଦିନ ପରେ ଗଣେଶ ବିସର୍ଜନ

ଟିକିରି,୨୩।୯(ଡ଼ି.ଏନ.ଏ): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ଚତୁରବେଣୀ ଛକରେ ପୂଜା ପାଉଥିବା ଗଣେଶଙ୍କୁ ବିସର୍ଜନ କରାଯାଇଛି । ୧୧ ଦିନ ଧରି ଗଜାନନଙ୍କୁ ରିତିନୀତି ଅନୁଯାୟୀ ପୂଜାପାଠ କରାଯାଇଥିଲା । ଏଥିରେ ଜି.ମୂରଲୀ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଅମିତ ନାୟକ, ସୁଦାମ ନାୟକ, ଗୌରୀ ନାୟକ, ରମେଶ ମେଦିରି ନିହାଲ ନାୟକ ସହଯୋଗ କରିଥିଲେ ।

### ରେଳ ଲାଇନରେ କଟି ଜଣେ ମୃତ

ମୁନିଗୁଡ଼ା୨୩।୯(ଡ଼ି.ଏନ.ଏ): ରାୟଗଡ଼ା ଜିଲା ମୁନିଗୁଡ଼ା ନିକଟସ୍ଥ ରେଳ ଫାଟକଠାରେ ରେଳ ଲାଇନରେ କଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ସେ ହେଲେ ମୁନିଗୁଡ଼ା ଗୌଡ଼ ସାହିରେ ରହୁଥିବା ଚିତ୍ରସେନ ସାହୁ । ସେ ବସଷ୍ଟାଣ୍ଡରେ ଚା ଦୋକାନ କରି ନିଜ ପରିବାର ଚଳାଉଥିଲେ । ମଧାହ୍ନ ସାଢ଼େ ୨ଟାରେ ଏକ ମାଲବୋଝେଇ ଟ୍ରେନରେ କଟି ଚିତ୍ରସେନଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଖବରପାଇ ମୁନିଗୁଡ଼ା ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି । ବର୍ତ୍ତମାନ ସୁଦ୍ଧା ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ ।

### ଦିବ୍ୟ ଦର୍ଶନ ସଂଘର ସତ୍‌ସଙ୍ଗ



ଗୁଣପୁର,୨୩।୯(ଡି.ଏନ.ଏ):ଗୁଣପୁର ମହିଳା ମହାବିଦ୍ୟାଳୟ ନିକଟ ଦିବ୍ୟ ଦର୍ଶନ ସଂଘର ଜ୍ଞାନ ମନ୍ଦିର ପରିସରରେ ରବିବାର ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଦ୍‌ଗୁରୁ ଅର୍ଜୁନଙ୍କ ଦ୍ୱାରା ପ୍ରତିଷ୍ଠିତ ଦିବ୍ୟ ଦର୍ଶନ ସଂଘର ଏହି ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମରେ ଶିବଚରଣ ରାୟ, ଭଜଙ୍ଗ ରାଓ, ଧନଞ୍ଜୟ ବେହେରା ଏବଂ ହରିହର ସ୍ୱାଇଁ ଯୋଗଦେଇ ଦୀକ୍ଷାବାର୍ଷିକ ପାଳନ ଅବସରରେ ଦିବ୍ୟ ପ୍ରବଚନ ଦେଇଥିଲେ। ଗୁରୁ-ଶିଷ୍ୟଙ୍କ ସମ୍ପର୍କ, ଦୈବିଗଣ ଧାରଣା କରିବା, ସମାଜରେ ସୁଖ ଶାନ୍ତି ଆନନ୍ଦରେ ବଞ୍ଚି ରହିବା ସଙ୍ଗେସଙ୍ଗେ ଆତ୍ମଜ୍ଞାନ ଲାଭ କରି ସ୍ୱରୂପ ପ୍ରାପ୍ତ କରିପାରିବେ ବୋଲି ବକ୍ତା ମତବ୍ୟକ୍ତ କରିଥିଲେ ।

### ଖବରଦାତାଙ୍କ ପରଲୋକ

ରାୟଗଡା ଅଫିସ୍‌, ୨୩।୯: ରାୟଗଡା ଜିଲାର ବରିଷ୍ଠ ଖବରଦାତା ସୁବାସ ପଣ୍ଡାଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି । ଏଥିସହିତ ରାୟଗଡା ଜିଲା ଉତ୍କଳ ଜର୍ନାଲିଷ୍ଟ ସଂଘ ସଭାପତି ଏବଂ ରାୟଗଡା ସହରର ପ୍ରେସ୍ ୟୁନିୟନ ସଂଘ ସଦସ୍ୟ ରୂପେ ପରିଚିତ ଥିଲେ । ଜିଲାର ସମସ୍ତ ଖବରଦାତା, ବୁଦ୍ଧିଜୀବୀ, ରାଜନୈତିକ ଦଳର ନେତୃବୃନ୍ଦ ପଣ୍ଡାଙ୍କ ବାସଭବନରେ ତାଙ୍କର ଶେଷ ଦର୍ଶନ କରିବା ସହିତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

■ବୁଲା କୁକୁରଙ୍କ ଦୌରାତ୍ମ୍ୟ

# ୬ ମାସରେ ୧୧୬୨ ଜଣ ଆହତ

ରାୟଗଡା ଅଫିସ୍, ୨୩।୯



ରାସ୍ତା ଉପରେ ବୁଲା କୁକୁର ମେଳି ହୋଇଛନ୍ତି ।

ରାୟଗଡା ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ବୁଲା କୁକୁରଙ୍କ ଆତଙ୍କ ଦେଖାଦେଇଛି । ପ୍ରତିଦିନ ପ୍ରାୟ ୮ଜଣରୁ ଊର୍ଦ୍ଧ୍ୱ କୁକୁର କାମୁଡାର ଶିକାର ହେଉଛନ୍ତି । ଏହା ସରକାରୀ ରେକର୍ଡ କହୁଛି । ୬ ମାସ ମଧ୍ୟରେ ୧୧୬୨ ଜଣ କୁକୁର କାମୁଡ଼ାରେ ଆହତ ହୋଇଥିବା ଜଣାଯାଇଛି । ବୁଲା କୁକୁରଙ୍କ ଦୌରାତ୍ମ୍ୟରୁ ଲୋକମାନେ ମୁକୁଳିପାରୁ ନାହାନ୍ତି । ଏଥିପ୍ରତି ପ୍ରଶାସନ, ଜିଲା ପ୍ରାଣୀ ବିଭାଗ ,ପୌର ପରିଷଦ କେହି ହେଲେ ସାମାନ୍ୟତମ ଦୃଷ୍ଟି ଦେଉ ନାହାନ୍ତି ।

ରାୟଗଡା ଜିଲା ପ୍ରାଣୀଧନ ଚିକିତ୍ସା ବିଭାଗର ରିପୋର୍ଟ ମୁତାବକ, ୨୦୧୪ରେ ୨୯୦୬ଜଣ, ୨୦୧୫ରେ ୩୧୧୧ଜଣ, ୨୦୧୬ରେ ୩୦୫୪, ୨୦୧୭ ମେ ମାସ ସୁଦ୍ଧା ୧୬୩୫ଜଣ କୁକୁର କାମୁଡାରେ ଶିକାର ହୋଇଛନ୍ତି । ୨୦୧୮ ଏପ୍ରିଲ ୧ତାରିଖରୁ ସେପ୍ଟେମ୍ବର ୨୧ ତାରିଖ ମଧ୍ୟରେ ମୋଟ ୧୧୬୨ଜଣ କୁକୁର କାମୁଡାର ଶିକାର ହୋଇ ଚିକିତ୍ସିତ ହୋଇଛନ୍ତି । ଏପ୍ରିଲରେ ୩୫୫ଜଣ, ମେରେ ୧୯୫, ଜୁନ୍‌ରେ ୧୬୬, ଜୁଲାଇରେ ୧୯୯, ଅଗଷ୍ଟରେ ୧୩୫ଜଣ ଓ ସେପ୍ଟେମ୍ବରରେ ବର୍ତ୍ତମାନ ସୁଦ୍ଧା ୧୧୨ଜଣ କୁକୁର କାମୁଡାରେ ଆକ୍ରାନ୍ତ ହୋଇଛନ୍ତି । ସେହିପରି ଗୁଣପୁର ଉପଖଣ୍ଡରେ ଥିବା ଗୁଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୧୮ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ମୋଟ ୫୧୯ ଜଣ କୁକୁର କାମୁଡାର ଶିକାର ହୋଇଛନ୍ତି । ସହରରେ ଦିନକୁ ଦିନ କୁକୁର ସଂଖ୍ୟା ବଢ଼ି ଚାଲିଥିବାରୁ ରାତି ୧୧ଟା ପରେ ବାଇକ୍ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ରାୟଗଡା ସହରର ଜ୍ୟୋତିମହଲ ଛକ, ବସ୍‌ଷ୍ଟାଣ୍ଡ, ହସ୍‌ପିଟାଲ ଛକ, ରିଙ୍ଗରୋଡ୍‌, ରାଣୀଗୁଡାଫାର୍ମ, ଇନ୍ଦିରାନଗର, କୋରାପୁଟ ଛକ, ଦୈନିକ ବଜାର, କପିଳାସ ଛକ, ରାୟଗଡା ବ୍ଲକ୍ ଛକ ଏପରି ସହରର ଅନେକ ଜନଗହଳି ଅଞ୍ଚଳଗୁଡ଼ିକରେ ଶତାଧିକ କୁକୁର ଠୁଳ ହେଉଥିବା ଦେଖିବାକୁ ମିଳେ । ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ କୁକୁରଙ୍କ ବନ୍ଧ୍ୟାକରଣ କରିବାର ନିୟମ ରହିଥିବା ବେଳେ ରାୟଗଡା ଜିଲାରେ ଏ ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା କରାଯାଇନାହିଁ । ରାୟଗଡା ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କ ପକ୍ଷରୁ ୧୨।୧୦।୨୦୧୭ରିଖରେ ପତ୍ର ସଂଖ୍ୟା ୨୧୫୦ ଜରିଆରେ ରାୟଗଡା ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଏକ ଚିଠି ଲେଖାଯାଇଥିଲା । ପଶୁ ଜନ୍ମକୁ ନିୟନ୍ତ୍ରଣ ନିମନ୍ତେ ଆଣ୍ଟି ରାବିସ ପୋଗ୍ରାମ ଲାଗି କିଛି କର୍ମଚାରୀଙ୍କୁ ଟ୍ରେନିଂ ନେବା ପାଇଁ ତାମିଲନାଡୁର ଉଟିକୁ ପଠାଇବା ପାଇଁ ଉକ୍ତ ଚିଠିରେ ଉଲ୍ଲେଖ ରହିଥିଲା । ଉକ୍ତ ଚିଠି ହସ୍ତଗତ ହେବା ପରେ ରାୟଗଡା ପୌର ପରିଷଦ ପକ୍ଷରୁ ୨୧।୪।୨୦୧୮ରିଖ ପତ୍ର ସଂଖ୍ୟା ୧୮୭୫ ଜରିଆରେ ୪ଜଣ କର୍ମଚାରୀ ପ୍ରଶିକ୍ଷଣ ନିମନ୍ତେ ପଠାଯିବ ବୋଲି ପତ୍ର ପଠାଇଥିଲେ । କିନ୍ତୁ ସେହିଦିନ ଠାରୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ । କୁକୁର ବନ୍ଧ୍ୟାକରଣ କରା ନ ଯିବା ଯୋଗୁ ଦିନକୁ ଦିନ କୁକୁରଙ୍କ ସଂଖ୍ୟା ଜିଲାରେ ବଢ଼ିବାରେ ଲାଗିଛି । କିନ୍ତୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ । ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନଙ୍କୁ ପଚାରିବାରୁ, କୁକୁର ବନ୍ଧ୍ୟାକରଣ ନିମନ୍ତେ କୌଣସି ଅନୁଦାନ ମିଳିନାହିଁ । ପୌର ପରିଷଦର ପରିଷଦ ବୈଠକରେ ଆଲୋଚନା କରାଯିବା ପରେ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ । କୁକୁର ବନ୍ଧ୍ୟାକରଣ କରିବା ନିମନ୍ତେ ପୌର ପରିଷଦ ପକ୍ଷରୁ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ସହିତ ପତ୍ରାଳାପ ହୋଇଛି । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାଣୀଧନ ଚିକିତ୍ସା ବିଭାଗ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ନିଆଯାଇନାହିଁ । ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇ ବେସରକାରୀ ଭାବେ କୁକୁର ବନ୍ଧ୍ୟାକରଣ କରୁଥିବା ଠିକା କମ୍ପାନୀ ସହିତ ଯୋଗାଯୋଗ କରି ତୁରନ୍ତ ଏହା କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରାଯିବ ବୋଲି କହିଥିଲେ । ଏ ସମ୍ପର୍କରେ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ ତ୍ରିଲୋଚନ ଧଳଙ୍କୁ ପଚାରିବାରୁ, ପୌର ପରିଷଦ ପକ୍ଷରୁ ଅନୁଦାନ ଖର୍ଚ୍ଚ କରାଯିବ । କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ଆମ ଜିଲାରେ ଆରମ୍ଭ ହୋଇନାହିଁ । ପୌର ପରିଷଦର ମିଳିତ ସହଯୋଗରେ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

**ରାୟଗଡ଼ା ଜିଲା**
- ■କରାଯାଉନି ବନ୍ଧ୍ୟାକରଣ
- ■ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ
- ■ନିଆଯିବ ତୁରନ୍ତ ପଦକ୍ଷେପ

■ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କିରାଣି

## ଥାନାରେ ଏତଲା ଦେଲେ ଡାକ୍ତର

ରାୟଗଡା ଅଫିସ୍, ୨୩।୯



ଟି.ଉପେନ୍ଦ୍ର

ରାୟଗଡା ବ୍ଲକ୍ ଅଧୀନ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କିରାଣି ଟି.ଉପେନ୍ଦ୍ର ଶନିବାର ଅପରାହ୍ନ ୩ଟାରୁ ନିଖୋଜ ଅଛନ୍ତି । ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ମିଳିନାହିଁ । ଏନେଇ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଧିକାରୀ ଡା. ଚିତ୍ତଭୂଷଣ ପଣ୍ଡା ଶେଷଖାଲ ଥାନାରେ ଏତଲା ଦେଇଛନ୍ତି । ପୋଲିସ ଏକ ନିଖୋଜ ମାମଲା (ନଂ ୨/୧୮) ରୁଜୁ କରି ତଦନ୍ତ ଚଳାଇଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନିଖୋଜ ଥିବା ଟି.ଉପେନ୍ଦ୍ରଙ୍କ ଘର ଜେକେପୁର ବିସି କଲୋନୀରେ । ସେ ଦୀର୍ଘବର୍ଷ ହେଲା ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିରାଣି ଭାବେ କାର୍ଯ୍ୟ କରୁଛନ୍ତି । ଶନିବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ସେ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିଲେ । ତାଙ୍କ ଟେବୁଲ ଉପରେ ଚଷମା, ମୋବାଇଲ ଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବାଇକ୍ ମଧ୍ୟ ରହିଛି । ସେ ଜେମାଦେଇପେଣ୍ଠ ଷ୍ଟେଶନ୍ ରାସ୍ତାରେ ଯାଉଥିବା ଅଞ୍ଚଳର କେତେକ ଲୋକ ଦେଖିଥିବା କହିଛନ୍ତି । ତେବେ ଉପେନ୍ଦ୍ର କେଉଁ କାରଣରୁ ନିଖୋଜ ଅଛନ୍ତି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ । ଏ ସମ୍ପର୍କରେ ଥାନାଧିକାରୀ ପୀତବାସ ଧାରୁଆଙ୍କୁ ପଚାରିବାରୁ , ଘଟଣା ସମ୍ପର୍କରେ ଜାଣିବା ପାଇଁ ସିଡିଆର୍ ମଗାଯାଇଛି ଏବଂ ପୋଲିସ ପକ୍ଷରୁ ଖୋଜାଖୋଜି ଜାରି ରହିଛି ବୋଲି କହିଛନ୍ତି ।

## ସ୍ଥାୟୀ ପ୍ରଧାନଶିକ୍ଷକ ନିମନ୍ତେ ବୈଠକ



ବୈଠକରେ ଯୋଗ ଦେଇଥିବା ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକ ।

ଟିକିରି,୨୩।୯ (ଡି.ଏନ୍.ଏ.)

ରାୟଗଡା ଜିଲା କାଶିପୁର ବ୍ଲକ ଟିକିରି ପଞ୍ଚାୟତ ସଦରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାହାନ୍ତି । ଏନେଇ ରବିବାର ବିଦ୍ୟାଳୟ ପରିସରରେ ଅଭିଭାବକ ଓ ଶିକକଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବିଦ୍ୟାଳୟକୁ ଆଖପାଖ ପଞ୍ଚାୟତରୁ ଛାତ୍ରୀଛାତ୍ର ଆସି ପଢୁଛନ୍ତି । ଛାତ୍ରମାନଙ୍କ ସୁବିଧା ନିମନ୍ତେ ୧୦୦ ଶଯ୍ୟା ବିଶିଷ୍ଟ ଏସ୍‌ଟି ହଷ୍ଟେଲ ମଧ୍ୟ ଖୋଲାଯାଉଛି । ଏଠାରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୦୦ ଛାତ୍ରୀଛାତ୍ର ପଢୁଛନ୍ତି । ହେଲେ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ ନାହାନ୍ତି। ଯାହାଫଳରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ପାଠପଢ଼ାରେ ଅସୁବିଧା ହେଉଛି । ବର୍ତ୍ତମାନ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ମଧ୍ୟ ନାହାନ୍ତି । ଯଦ୍ୱାରା ବିଦ୍ୟାଳୟ ଠିକ୍ ଭାବରେ ପରିଚାଳନା ହୋଇପାରୁନାହିଁ । ୧୫ ଦିନ ମଧ୍ୟରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତ ନ ହେଲେ ବିଦ୍ୟାଳୟରେ ତାଲା ପକାଇ ମୁଖ୍ୟ ରାସ୍ତାରୋକୋ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । କମିଟି ପରିଚାଳନା ସଭାପତି ରାଜେନ୍ଦ୍ର ଦୁରିଆ, ସେନ ସାହୁ, ସନ୍ତୋଷ ସାହୁ , ନିରଞ୍ଜନ ସାହୁ, ଲକ୍ଷ୍ମୀ ସାହୁ, ପଦ୍ମିନୀ ସାହୁ, ହୀରା ମାଝି ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।

## ୭ ଦିନ ପରେ ହଟିଲା ବିକାଶ ପରିଷଦ ଧାରଣା

ରାୟଗଡା ଅଫିସ୍, ୨୩।୯



ବିକାଶ ପରିଷଦ ସଭ୍ୟଙ୍କ ସହ ଆଲୋଚନା କରାଯାଉଛି ।

୫ଦଫା ଦାବି ନେଇ ରାୟଗଡା ଜିଲା ବିକାଶ ପରିଷଦ ପକ୍ଷରୁ ଚାଲିଥିବା ଧାରଣା ୭ ଦିନ ପରେ ରବିବାର ହଟିଛି। ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ନିର୍ଦ୍ଦେଶକ୍ରମେ ରାୟଗଡା ତହସିଲଦାର ଉମାଶଙ୍କର ବେହେରା ଏବଂ ରାୟଗଡା ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୃସିଂହଚରଣ ପଟ୍ଟନାୟକ ଆନ୍ଦୋଳନସ୍ଥଳରେ ପହଞ୍ଚି ଧାରଣାରେ ବସିଥିବା ଜିଲା ବିକାଶ ପରିଷଦର ନେତୃବୃନ୍ଦ ଓ ଅନ୍ୟ ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ । ବିକାଶ ପରିଷଦ ପକ୍ଷରୁ କରାଯାଇଥିବା ଦାବିଗୁଡିକ ଉପରେ ଜିଲା ପ୍ରଶାସନ ସହିତ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ସରକାରଙ୍କ ନିୟମ ଅନୁଯାୟୀ ଉପସ୍ଥାପନ କରାଯାଇଥିବା ଦାବିଗୁଡିକ ପର୍ଯ୍ୟାୟକ୍ରମେ ପୂରଣ କରିବାକୁ ଉଦ୍ୟମ କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଥିଲେ। ଉକ୍ତ ପ୍ରସ୍ତାବକୁ ସହମତି ଜଣାଇ ଧାରଣାରେ ବସିଥିବା ଜିଲା ବିକାଶ ପରିଷଦର ଜିଲା ଆବାହକ ପ୍ରଦୀପ କୁମାର ଦାସ, ବମାଲି କାନ୍ତାରାଓ, ଜେମସ ଶବର ଏବଂ ଅନ୍ୟା ସଭ୍ୟାସଭ୍ୟମାନେ ଧାରଣାରୁ ଉଠିଥିଲେ । ୪୫ ଦିନ ମଧ୍ୟରେ ଦାବି ପୂରଣ କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ବିକାଶ ପରିଷଦର ଜିଲା ଆବାହକ ଦାସ ପ୍ରକାଶ କରିଛନ୍ତି । ଅତିରିକ୍ତ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଟ୍ଟନାୟକ କହିଛନ୍ତି ଯେ, ଜିଲା ଅଦାଲତ ଓ ସମୂହ ଅଦାଲତର ନୂତନ କୋଠା ସହରର ମଧ୍ୟସ୍ଥଳ ପୁରୁଣା ଅଦାଲତ ପରିସରରେ ନିର୍ମାଣ କରିବା ସମ୍ପର୍କରେ ଜିଲା ଦୌରାଜଜ୍‌ଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟକୁ ପତ୍ରାଳପ କରାଯାଇଛି । ଏଥିସହ ରାୟଗଡା ସହରରେ ଫ୍ୟାମିଲ ଅଦାଲତ ଓ ସ୍ଥାୟୀ ଲୋକ ଅଦାଲତ କରାଯିବା ନେଇ ମଧ ଉଚ୍ଚ ନ୍ୟାୟାଳୟଙ୍କୁ ପତ୍ର ଲେଖାଯାଇଛି । ଚନ୍ଦ୍ରପୁର ବ୍ଲକ୍ ଠାରେ ପ୍ରସ୍ତାବିତ ଅଦାଲତ ନିମନ୍ତେ ସ୍ଥାନ ନିର୍ଦ୍ଧାରଣ କରାଯାଇଛି । ଜିଲାପାଳ, ଉପଜିଲାପାଳ ଓ ତହସିଲ ଅଦାଲତ ଧାର୍ଯ୍ୟ ଦିନରେ କରାଯିବା ନେଇ ଜିଲା ପ୍ରଶାସନ ସହିତ ଆଲୋଚନା ପରେ ସ୍ଥିର ହେବ । ରାମନାଗୁଡା ବ୍ଲକ୍‌ର ଉକୁମ୍ବା ଗ୍ରାମ ପଞ୍ଚାୟତକୁ ମଦମୁକ୍ତ ପଞ୍ଚାୟତ ଘୋଷଣା କରିବା ଦାବି ସମ୍ପର୍କରେ ସେ କହିଥିଲେ ଯେ, ଗୁଣପୁର ଉପଜିଲାପାଳ ଅମ୍ରିତ ରତୁରାଜଙ୍କ ନେତୃତ୍ୱରେ ଜିଲା ଅବକାରୀ ବିଭାଗ ଅଧିକାରୀଙ୍କ ଦ୍ୱାରା ଗତ ୫ତାରିଖରୁ ସମସ୍ତ ମଦ ଦୋକାନଗୁଡିକ ବନ୍ଦକରି ଦିଆଯାଇଛି । ବିକାଶ ପରିଷଦର ନେତୃବୃନ୍ଦ ଜିଲା ପ୍ରଶାସନ ସହିତ ସମସ୍ୟାର ସମାଧାନ ପାଇଁ ୨/୩ଦିନ ମଧ୍ୟରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ନୃସିଂହଚରଣ ପଟ୍ଟନାୟକ କହିଛନ୍ତି ।

- ■ଜିଲା ପ୍ରଶାସନ ସହିତ ହେବ ଆଲୋଚନା
- ■ଦାବି ପୂରଣ ନ ହେଲେ ପୁଣି ହେବ ଆନ୍ଦୋଳନ

## ଉନ୍ନତ ପ୍ରଣାଳୀରେ ଛେଳି ପାଳନ ନେଇ ଗୁରୁତ୍ୱାରୋପ

ମୁନିଗୁଡା, ୨୩।୯ (ଡି.ଏନ୍.ଏ.)

ମୁନିଗୁଡା ବ୍ଲକ ଅନ୍ତର୍ଗତ ତେଲେଙ୍ଗାପଦର ପଞ୍ଚାୟତ ଅଧୀନ କନଡ଼ପଦର ଗ୍ରାମରେ ରବିବାର ଉନ୍ନତ ପ୍ରଣାଳୀରେ ଛେଳିପାଳନ ନିମନ୍ତେ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲା ଜନଜାତି ଉନ୍ନୟନ ପରିଷଦ ସ୍ୱତନ୍ତ୍ର ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡୁକା ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଟିମ୍ ଲିଡର ଘନଶ୍ୟାମ ବାରିକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସମାଜସେବୀ ଗୌରାଙ୍ଗ ଚରଣ ରାଉତ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଗ୍ରାମର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପ୍ରତ୍ୟେକ ପରିବାର ଛେଳିପାଳନ ଦ୍ୱାରା ସେମାନଙ୍କର ଆର୍ଥିକ ବିକାଶ ସହ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ସଂଯୋଜକ ଶରତ କୁମାର ସାହୁ କାର୍ଯ୍ୟକ୍ଷେତ୍ର ଅଞ୍ଚଳର ୫୦୦ ପରିବାରକୁ ଯୋଜନାରେ ଉପକୃତ କରାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ପ୍ରକାଶ କରିଥିଲେ। ଅନୁଷ୍ଠାନର କନିଷ୍ଠ ନିର୍ବାହୀ ହରିଶଙ୍କର ଟୋଲଟିଆ, ମହିଳା ଗୋଷ୍ଠୀର ତୁଲ୍‌ସା ଲାଲରେଙ୍ଗା, ସୁନ୍ଦରକଳା ସାରକା, ଯୁବନେତା ଗଣପତି ବେହେରଦେଲା ପ୍ରମୁଖ ଯୋଜନାର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା ସହ ଗ୍ରାମରେ ଥିବା ପାନୀୟ ଜଳ ଏବଂ ଆବାସ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ।

## ଏନ୍‌ସିସି ଛାତ୍ରୀଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ



ଏନ୍‌ସିସି ଛାତ୍ରୀ ଓ ଅନ୍ୟମାନେ ।

ମୁନିଗୁଡ଼ା,୨୩।୯(ଡ଼ି.ଏନ.ଏ)

ମୁନିଗୁଡ଼ା ଉଚ୍ଚବିଦ୍ୟାଳୟର ଏନସିସି ଛାତ୍ରୀମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁନିଗୁଡ଼ା ଉଚ୍ଚ ବିଦ୍ୟାଳୟର ଏନସିସି ଶିକ୍ଷୟିତ୍ରୀ ଏମ. ସାଇଲକ୍ଷ୍ମୀଙ୍କ ନେତୃତ୍ୱରେ ବିଦ୍ୟାଳୟର ୫୦ ଜଣ ଏନସିସି ଛାତ୍ରୀ ମୁନିଗୁଡ଼ା ବସଷ୍ଟାଣ୍ଡ ଓ ରେଳଷ୍ଟେଶନ ପରିସରରେ ସଫେଇ କରିଥିଲେ । ଏଥିସହ ଅଳିଆ ଆବର୍ଜନା ଏଠିସେଠି ନ ଫୋପାଡ଼ି ଅଳିଆକୁଣ୍ଡରେ ପକାଇବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମୁନିଗୁଡ଼ାର ବିଭିନ୍ନ ସ୍ଥାନରେ କରାଯିବ ବୋଲି ଏନସିସି ଶିକ୍ଷୟିତ୍ରୀ ଏମ.ସାଇଲକ୍ଷ୍ମୀ ପ୍ରକାଶ କରିଛନ୍ତି ।

## ସରିଲା ବାଲିଯାତ୍ରା

ଚନ୍ଦ୍ରପୁର,୨୩।୯(ଡି.ଏନ୍.ଏ.)



ବାଲିଯାତ୍ରାରେ ପୂଜାର୍ଚ୍ଚନା କରାଯାଉଛି ।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ବିଜାପୁର ପଞ୍ଚାୟତ ସଦର ମହକୁମାରେ ୧୨ ଦିନ ଧରି ଚାଲିଥିବା ବାଲିଯାତ୍ରା ଶନିବାର ଶେଷ ହୋଇଛି । ମୁଖ୍ୟ ପୂଜକ ସନ୍ଧ୍ୟାରେ ନିଆଁରେ ଚାଲିଥିଲେ ଏବଂ ଦୋଳିରେ ଝୁଲି ଝୁଲି ବହୁ ଶ୍ରଦ୍ଧାଳୁଙ୍କ ଗୁହାରୀ ଶୁଣିଥିଲେ । ପ୍ରସିଦ୍ଧ ଦୁର୍ଗା ମା'ଙ୍କ ବେଶରେ ସଜ୍ଜିତ ହୋଇ ଦୂର ଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ କରିଥିଲେ । ଏହି ଯାତ୍ରାରେ ବିଜାପୁର, ଗୁଣ୍ଡିଗୁଡା, ଖିଲୁଣ୍ଡି, ଭାଲୁପେଟା, ମରିଚଗୁଡା, ଚନ୍ଦ୍ରପୁର, ଗୁଡାରୀ ଗ୍ରାମରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ଏହି ଯାତ୍ରା ଦେଖିବା ପାଇଁ ଗୁଣପୁର ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁତିକା, ଆଇନଜୀବୀ ବିପ୍ଳବ କେଶରୀ ସାହୁ, କାହ୍ନୁ ଦଳେଇ ପ୍ରମୁଖ ପହଞ୍ଚି ମା'ଙ୍କୁ ଦର୍ଶନ କରିଥିଲେ । ଏଥିରେ ବିଜାପୁର ଯାତ୍ରା କମିଟି ମୁଖ୍ୟ ପ୍ରଳୟ ସାହୁ, ଚନ୍ଦ୍ରଶେଖର ଦଣ୍ଡସେନା, ତ୍ରିନାଥ ମୁଦୁଲି, ହାଡି ପ୍ରଧାନୀ, ଗୌରହରି ସାହୁ, ଦଣ୍ଡାସି ପରିଡା, ସରପଞ୍ଚ ଶାହି ଅନ୍ଧନାକା ପ୍ରମୁଖ ଦାୟିତ୍ୱରେ ରହି ସହଯୋଗ କରିଥିଲେ ।

## ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ୨୦ ହିତାଧିକାରୀ

ମୁନିଗୁଡା, ୨୩।୯ (ଡି.ଏନ୍.ଏ.)



ଭତ୍ତାରୁ ବଞ୍ଚିତ ହିତାଧିକାରୀ ।

ରାୟଗଡା ଜିଲା ମୁନିଗୁଡା ବ୍ଲକ ଅନ୍ତର୍ଗତ କୁମୁଡାବାଲି ଗ୍ରାମ ପଞ୍ଚାୟତର ସିଙ୍ଗାରୀ ଗ୍ରାମରେ ୨୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯାଗ ହୋଇଛି। ଗତ ୪ ବର୍ଷ ହେଲା ସେ ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନେ ଭତ୍ତା ପାଇ ନ ଥିବା ଜଣାପଡିଛି। ଗତ ଦୁଇଦିନ ତଳେ ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ଜିଲା ବିଜେଡି ସଭାପତି ସୁଧୀର କୁମାର ଦାସ, ବ୍ଲକ ସଭାପତି ରତନ ଲାଲ ଜୈନ, ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ ପୂର୍ବତନ ଜିଲା ପରିଷଦ ଉପାଧକ୍ଷା ସଙ୍କୁନ୍ତଳା ନୁଣ୍ଡୁକା ପ୍ରମୁଖ ଗ୍ରାମରେ ବୈଠକ କରିଥିଲେ । ୨୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ମିଳି ନ ଥିବା ଜାଣି ଅସନ୍ତୋଷ ପ୍ରକାଶ କରିଥିଲେ। ୪ ବର୍ଷ ହେଲା ଆମେ ଭତ୍ତା ପାଇଁ ପଞ୍ଚାୟତରେ ଆବେଦନ କରିଛୁ। ବାରମ୍ବାର ଜଣାଇଲେ ମଧ୍ୟ ଭତ୍ତା ମିଳି ନାହିଁ ବୋଲି ଗ୍ରାମର ସୀମାଞ୍ଚଳ କାସି, ସୁକ୍କୁ କାସି, ଦ୍ରୋପତି କାସି, ଧୁବୁଲୀ କାସି, ଗୁରୁବାରୀ କାସି, କୁସୁଲ୍ୟାକାସୀ ପ୍ରମୁଖଙ୍କ ସମେତ ଅନ୍ୟମାନେ ଅଭିଯୋଗ କରିଛନ୍ତି। ଏ ନେଇ ମୁନିଗୁଡା ବ୍ଲକ ସାମାଜିକ ନିରାପତ୍ତା ଅଧିକାରୀ (ବିଏସ୍‌ଏସ୍‌ଓ) ରଞ୍ଜିତା ବେହେରାଙ୍କୁ ପଚାରିବାରୁ, ସେମାନେ କେଉଁଠି ଆବେଦନ କରିଛନ୍ତି ମୁଁ ଜାଣି ନାହିଁ। ମୋ ପାଖରେ ଆବେଦନ କରିଥିଲେ,ମୁଁ ଜାଣି ପାରିଥାନ୍ତି । ଚଳିତବର୍ଷ ଉକ୍ତ ଅଞ୍ଚଳରେ ସର୍ଭେରେ ସେମାନଙ୍କ ନାମ ନିଶ୍ଚିତ ଭାବେ ଲେଖାଯାଇଥିବ । ଯଦି ସେମାନଙ୍କୁ ଭତ୍ତା ମିଳିନାହିଁ। ତାହାହେଲେ ଯଥାଶୀଘ୍ର ସେମାନେ କିପରି ଭତ୍ତା ପାଇବେ ତାର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

